# ଚନ୍ଦାହାଣ୍ଡି ବ୍ଲକ୍‌ସ୍ତରୀୟ ଆଦିବାସୀ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ



**ଚନ୍ଦାହାଣ୍ଡି,୧୫।୨(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ସଦର ସ୍ଥିତ ପାନାବେଡା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକଙ୍କ ଆବାହକତ୍ୱରେ ନବରଙ୍ଗପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଆଦିବାସୀ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଲୋକସଭା ସାଂସଦ ରମେଶ ଚନ୍ଦ୍ର ମାଝୀ, ନବରଙ୍ଗପୁର ପିଏଆଇଟିଡିଏ ରାଜୀବ କୁମାର ସାହୁ, ନବରଙ୍ଗପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଚନ୍ଦାହାଣ୍ଡି ଜୋନ୍-୧ ସଦସ୍ୟ ଲଛମନ ମାଝୀ, ଜୋନ-୨ ସଦସ୍ୟ ହର ପୂଜାରୀ, ଧୋଡ଼ିପାଣି ସରପଞ୍ଚ ଦୁଲବ ପୂଜାରୀ, ଜମାଦାରପଡ଼ା ସରପଞ୍ଚ କୃଷ୍ଣ ଜାନି, ଦଳବେଡ଼ା ସମିତିସଭ୍ୟ ଟେକରାମ ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ସନୀନ୍ଦ୍ର ସୋରି ଯୋଗଦେଇ ସଂଗ୍ରାମୀ ଆଦିବାସୀ ଜନନାୟକ ବିର୍ସା ମୁଣ୍ଡାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଆଦିବାସୀ ପରମ୍ପରାକୁ ଦୃଷ୍ଟିଦେଇ ମା' ପେଣ୍ଡ୍ରାଣୀଙ୍କ ଲାଠି, ବିମାନକୁ ନାଗରା ବାଦ୍ୟ ସହ ମଞ୍ଚ ନିକଟକୁ ନିଆଯାଇଥିଲା। ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗେଇ ଦିଆଯାଉଥିବା ମୁଖ୍ୟ ଅତିଥି ଶ୍ରୀ ମାଝୀ ପ୍ରକାଶ କରିଥିଲେ। ଆଦିବାସୀ ଛାତ୍ରଛାତ୍ରୀ ଓ ଯୁବକଯୁବତୀଙ୍କୁ କ୍ରୀଡ଼ା ଏବଂ ସାଂସ୍କୃତିକ କାର୍ଯ୍ୟ ଦକ୍ଷତା ଅନ୍ୱେଷଣ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଭାମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ସହ ପୁରସ୍କୃତ କରାଯାଇଥିବାବେଳେ ନିକଟରେ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିବାନନ୍ଦ ଝଙ୍କର ଓ ମୋହନ ସୁନ୍ଦର ଭୋଇଙ୍କୁ ମଧ୍ୟ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜସେବୀ ବଳରାମ ପଟ୍ଟନାୟକ, ଡମ୍ବରୁ ପାତ୍ର, ମୁରଲୀ ପୂଜାରୀ, ପାର୍ବତୀ ଧୂରୁଆ, ଭୀଷ୍ମ ମାଝୀ, ଭୁବନେ ବେଶ୍ରା, ମା' ପେଣ୍ଡ୍ରାଣୀଙ୍କ ପୂଜାରୀ ମହାଦେବ ପୂଜାରୀଙ୍କ ସମେତ ଅଞ୍ଚଳର ଅନେକ ଆଦିବାସୀ ଭାଇଭଉଣୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏସଡିସି ସଦସ୍ୟ ହର ପୂଜାରୀ ପରିଚାଳନା କରିଥିଲେ।

# ନିମ୍ନମାନର ପିଚୁକାମ ନେଇ ପୁକେଶ ଗ୍ରାମବାସୀଙ୍କ ଅଭିଯୋଗ



**ଟିକିରି,୧୫।୨(ସମିସ):** ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରାରେ ଚାଲିଛି ଆରଡି ରାସ୍ତା ମରାମତି କାମ। ଦିଶାରିଗୁଡ଼ାଠାରୁ ଖଜୁରୀଗୁଡ଼ା ଦଶମନ୍ତପୁର ବ୍ଲକକୁ ସଂଯୋଗ କରୁଥିବା ରାସ୍ତାର ପିଚୁ ମରାମତି କାମ ଢଳେଇର କିଛି ଘଣ୍ଟା ପରେ ଉଠିଯାଇଥିବା ଅଭିଯୋଗ କରିଛନ୍ତି ପୁକେଶ ଗ୍ରାମବାସୀ ଓ ସେହି ରାସ୍ତାଦେଇ ଯାତାୟାତ କରୁଥିବା ଆଖପାଖ ଅଞ୍ଚଳର ବାସିନ୍ଦା।

ଏହି ରାସ୍ତାଟି ଦିଶାରିଗୁଡ଼ାରୁ ଖଜୁରୀଗୁଡ଼ା ଦେଇ ଦଶମନ୍ତପୁର ବ୍ଲକକୁ ସଂଯୋଗ କରୁଥିବାବେଳେ ଦାବୁଗୁଡ଼ା ଓ ପୁକେଶ ଗ୍ରାମ ମଝିରେ ପ୍ରାୟ ୨ରୁ ୩ କି.ମି ପିଚୁ ଉଠିଯାଇଥିବାରୁ ଲୋକେ ଗାଡ଼ି ଚଳାଇବା ପାଇଁ ଭୟଭୀତ ହେଉଛନ୍ତି। ଏହି ରାସ୍ତା ହେବା ଦ୍ୱାରା ଦଶମନ୍ତପୁର ଓ କାଶୀପୁର ବ୍ଲକକୁ ଯାତାୟାତରେ ବହୁତ୍ ସୁବିଧା ହେଉଥିବାବେଳେ ଠିକାଦାରଙ୍କର ଏହିପରି ନିମ୍ନମାନର ରାସ୍ତା କାର୍ଯ୍ୟକୁ ନେଇ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଗାଡ଼ି ଯାତାୟାତ କରିବାରୁ ଅଳ୍ପ ଦୂର ବଜୁରୀ ଉଠିଯାଇଛି, ଆମେ ଆଉଥରେ ଦୁଇ ତିନି ସପ୍ତାହ ପରେ ମରାମତି କରିଦେବୁ ବୋଲି ଫୋନ୍ କାଟିଦେଇଥିଲେ। ଯଦି ଏହି ପିଚୁ ରାସ୍ତାର ମରାମତି ପୁନର୍ବାର କରା ନ ଯାଏ, ଆମେ ରାସ୍ତା ବନ୍ଦ କରିବୁ ଏବଂ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବୁ ବୋଲି ବୀରେନ ମାଝୀ, ଗରିଆ ମାଝୀ, ରାଇସନ୍ ମାଝୀ, ଭାସ୍କର ମାଝୀ, ସୁଶାନ୍ତ ମାଝୀ, ଦାଶ ମାଝୀ, ଯୁଧିଷ୍ଠିର ମାଝୀ ଓ ପପୁ ମାଝୀ ଚେତାବନୀ ଦେଇଛନ୍ତି।

# ରାଣିଗୁଡ଼ା ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ



**ଜୟପୁର,୧୫।୨(ସମିସ):** ଜୟପୁର ବ୍ଲକ୍ ରାଣିଗୁଡ଼ା ଗ୍ରାମ ପଞ୍ଚାୟତରେ ଗୁରୁବାର ଏକ ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି। ଏଥିରେ ରାଣିଗୁଡ଼ା ପଞ୍ଚାୟତର ୨୧ ଜଣ ସ୍ଥାନୀୟ ବାସିନ୍ଦା ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦାମାନେ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟ ଏବଂ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ନୂତନ ଭାବେ ଯୋଗଦେଇଥିବା ଧନଞ୍ଜୟ ନାୟକ, ଜୟକୃଷ୍ଣ ପ୍ରଧାନୀ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଉପସ୍ଥିତ ରହିବା ସହିତ ସମସ୍ତ ନବାଗତ ସଦସ୍ୟଙ୍କୁ ପୁଷ୍ପମାଲ୍ୟ ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ଅବସରରେ ବିଜେଡି ନେତ୍ରୀ ଡ. ଇନ୍ଦିରା ନନ୍ଦ, ଜୟପୁର ବ୍ଲକ୍ ଉପାଧ୍ୟକ୍ଷ ଗଣେଶ ପ୍ରାସାଦ ପାଢ଼ୀ, ଜିଲ୍ଲା ପରିଷଦ ସଦସ୍ୟା ରଶ୍ମୀ ରଥ, ଜୋନ୍ ସଂଯୋଜକ ଟୁନା ରଥ ଉପସ୍ଥିତ ରହିଥିବାବେଳେ କାର୍ଯ୍ୟକ୍ରମକୁ ବ୍ଲକ୍ ସଭାପତି ଲିଙ୍ଗା ପାତ୍ର, ରାଣିଗଡ଼ା ପର୍ଯ୍ୟବେକ୍ଷକ ସୁଦିପ୍ତ ମଣ୍ଡଳ, ଯୁବନେତା ମୋହନ ଖଣ୍ଡପାନ, ପବିତ୍ର କଣ୍ଡପାନ୍, ଦଳର ବରିଷ୍ଠ ନେତା ଏବଂ ଶତାଧିକ ମହିଳା କର୍ମୀ ଉପସ୍ଥିତ ଥିଲେ।

# ଟ୍ରକ୍-ବାଇକ୍ ଧକ୍କା; ବାଇକ୍ ଚାଳକ ମୃତ, ଟ୍ରକ୍ ଚାଳକ ଗିରଫ

ଜୟପୁର,୧୫।୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ପୁଲିସ ଗତ ମଙ୍ଗଳବାର ରାତିରେ ଟ୍ରକ୍ ଓ ବାଇକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ମାମଲାରେ ଅଭିଯୁକ୍ତ ଟ୍ରକ୍ ଚାଳକ ମଧ୍ୟପ୍ରଦେଶ ରାଜ୍ୟର ସାଗର ଜିଲ୍ଲା ରାହାତଗଡ଼ ଥାନା ଅଞ୍ଚଳ ରାଧେଶ୍ୟାମ କେବଟ (୩୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗତ ମଙ୍ଗଳବାର ରାତିରେ ଉମୁରୀ ଗ୍ରାମ ନିକଟରେ ଏକ ମାଲବୋଝେଇ ଟ୍ରକ୍ ସହ ବାଇକ ଧକ୍କା ଫଳରେ ବାଇକ୍ ଚାଳକ ମାଲକାନଗିରି ଜିଲ୍ଲା ବାଲିମେଳା ଅଞ୍ଚଳର ଆଶିଷ ଭଦ୍ରାଙ୍କ ଡାହାଣ ଗୋଡ଼ କଟିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବିଶାଖାପଟଣା ନିଆଯାଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ ଟ୍ରକ୍ ଚାଳକ ଫେରାର ରହିଥିଲେ। ପୁଲିସ ଗୁରୁବାର ତାଙ୍କୁ ସ୍ଥାନୀୟ ଅଞ୍ଚଳର ଏକ ଅଜଣାସ୍ଥାନରୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।

# ଫାମ୍ପୁଣି ଗ୍ରାମର ୨ଟି ଛକରେ ଲାଗିଲା ୭ ସିସିଟିଭି

**ଜୟପୁର/ଫାମ୍ପୁଣି,୧୫।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ପୁଲିସ ବିଭାଗ ପକ୍ଷରୁ ସ୍ଥାନୀୟ ଫାମ୍ପୁଣି ଗ୍ରାମର ଦୁଇଟି ଛକରେ ୭ଟି ସିସିଟିଭି ସଂଯୋଗ କରାଯାଇଛି। ଏହି କ୍ୟାମେରା ଦ୍ୱାରା ଛକର ଚାରିପାଖ ରାସ୍ତା ସମ୍ପୂର୍ଣ୍ଣ ଦୃଶ୍ୟମାନ ହେଉଛି। ଏହି କ୍ୟାମେରା ଉଚ୍ଚକ୍ଷମତା ସମ୍ପନ୍ନ ହୋଇଥିବାବେଳେ ୧ ଲକ୍ଷ ୩୬ ହଜାର ଟଙ୍କାରେ କ୍ରୟ କରାଯାଇଛି। ଜୟପୁର ସଦର ଥାନା ଏବଂ ଗାଗନାପୁର ଆଉଟପୋଷ୍ଟରେ ଏହି କ୍ୟାମେରାର ଦୃଶ୍ୟ ୨୪ ଘଣ୍ଟିଆ ଦୃଶ୍ୟମାନ ହେବ ବୋଲି ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡୀ ସୂଚନା ଦେଇଛନ୍ତି। ଜୟପୁର ସଦର ଥାନା ପୁଲିସ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଅଧିକରୁ ଅଧିକ କ୍ୟାମେରା ସଂଯୋଗୀକରଣ କରାଯିବ। ଏହାଦ୍ୱାରା ଅପରାଧୀ, ଚୋର, ଗଞ୍ଜେଇ ଓ ମାଦକ ଦ୍ରବ୍ୟ ଚାଲାଣକାରୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସୁବିଧା ହୋଇପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ● ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯାତ୍ରାର ଶୁଭାରମ୍ଭ କଲେ ବିଧାୟକ

# ୧୦ଟି ବସ୍‌ରେ ପୁରୀ ଗଲେ ୪୦୬ ଶ୍ରଦ୍ଧାଳୁ



କୋରାପୁଟ,୧୫।୨(ସମିସ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦର୍ଶନ ପାଇଁ କୋରାପୁଟରୁ ୪୦୬ ଜଣ ଶ୍ରଦ୍ଧାଳୁ ଗୁରୁବାର ୧୦ଟି ବସରେ ଯାତ୍ରା କରିଛନ୍ତି। କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦେଖିବା ସହ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବେ। କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସ୍ୱତନ୍ତ୍ର ବସରେ ମଧ୍ୟାହ୍ନ ୧୨ଟା ସମୟରେ ସର୍କିଟ ହାଉସ ସମ୍ମୁଖ ପଡ଼ିଆରୁ ଭକ୍ତମାନେ ଯାତ୍ରା ଆରମ୍ଭ କରିଥିଲେ। ୧୩୦ ପୁରୁଷ ଏବଂ ୨୭୬ ମହିଳାଙ୍କୁ ମିଶାଇ ମୋଟ ୪୦୬ ଜଣ ଶ୍ରଦ୍ଧାଳୁଙ୍କୁ ୧୦ଟି ବସ୍ ଯୋଗେ ପୁରୀ ନିଆଯାଇଥିବା ଜଣାପଡ଼ିଛି। ବସରେ କାର୍ଯ୍ୟାଳୟର ୧୪ ଜଣ କର୍ମଚାରୀ ଯାତ୍ରା କରିଛନ୍ତି। ସରକାରଙ୍କ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶରେ ଜଗନ୍ନାଥପ୍ରେମୀ ଓ ଶ୍ରଦ୍ଧାଳୁମାନେ ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଅନୁଭୂତି ସାଉଁଟିବା ପାଇଁ ପୁରୀ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଛି। ସକାଳର ଜଳଖିଆଠାରୁ ଆରମ୍ଭ କରି ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ଉଠାଇବେ। ଶ୍ରୀମନ୍ଦିର ପରିକ୍ରମା କରିବା ପାଇଁ ଭକ୍ତମାନଙ୍କ ସହ ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହେବେ। ଏକ ଭକ୍ତିମୟ ପରିବେଶ ମଧ୍ୟରେ ତୀର୍ଥଯାତ୍ରୀମାନେ ଶ୍ରୀମନ୍ଦିର ପରିକ୍ରମା କରିବେ। କୋରାପୁଟ ପୌର ପରିଷଦ ପ୍ରତ୍ୟେକ ୱାର୍ଡରୁ ୨୦ ଜଣ ଲେଖାଏଁ ଭକ୍ତ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ରାଜ୍ୟ ସରକାର ଏପରି ସୁଯୋଗ ସୃଷ୍ଟି କରାଇ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯେଉଁ ବ୍ୟବସ୍ଥା କରାଇଛନ୍ତି ତାହାକୁ ନେଇ ଭକ୍ତଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।

## ■ ବିଶାଖାପାଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ରାୟଗଡ଼ା ଜିଲ୍ଲା ପ୍ରଶାସନ ସହାୟତାରେ ଅଣାଗଲା ମରଶରୀର

ରାୟଗଡ଼ା,୧୫।୨(ସମିସ)

ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ରେଳ ଷ୍ଟେସନରେ ଓଡ଼ିଆ ଶ୍ରମିକ ଚୈତନ୍ୟ ମାଝିଙ୍କ ମୃତ୍ୟୁ ହୋଇଥିବାବେଳେ ରାୟଗଡ଼ା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ସହାୟତାରେ ମରଶରୀର ତାଙ୍କ ନିଜ ଗାଁକୁ ଅଣାଯିବା ସହ ଅନ୍ତିମ ସଂସ୍କାର କରାଯାଇଛି। ଯାହାକୁ ନେଇ ମୃତ ଶ୍ରମିକଙ୍କ ପୁଅ ଅନ୍ତ ମାଝି ଓ ପରିବାର ତଥା ଗ୍ରାମବାସୀ ଜିଲ୍ଲା ଶ୍ରମ ବିଭାଗ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୃତ ଚୈତନ୍ୟଙ୍କ ପରିବାର ପାଇଁ ସରକାରଙ୍କ ତରଫରୁ ଯାହା କିଛି ସହାୟତା ମିଳିପାରିବ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ ଯଶ୍ମିନ ସାହୁ ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉ କି, ଆନ୍ଧ୍ର ପ୍ରଦେଶର ଗୁଣ୍ଟୁରଠାରେ ଏକ ଘରୋଇ କମ୍ପାନୀରେ ଚୈତନ୍ୟ କାମ କରୁଥିଲେ। ଗତ କିଛି ଦିନ ତଳେ ସେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ପରେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ନିଜ ଘର ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଚନ୍ଦ୍ରଗିରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଷନାଦରା ଗ୍ରାମକୁ ଫେରିବା ପାଇଁ ବିଶାଖାପାଟଣାଠାରେ ପହଞ୍ଚିଥିଲେ। ଗତ ଗୁରୁବାର ଦିନ ବିଶାଖାପାଟଣା ରେଳ ଷ୍ଟେସନରେ ସେ ଟ୍ରେନକୁ ଅପେକ୍ଷା କରିଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ସମୟରେ ତାଙ୍କ ସାଥିରେ ଦୁଇଜଣ ସହଯୋଗୀ ଥିଲେ। ତେବେ ଚୈତନ୍ୟଙ୍କ ମରଶରୀର ଗାଁକୁ ଆଣିବା ପାଇଁ ସମ୍ବଳ ନ ଥିବାରୁ ମୃତ ଚୈତନ୍ୟଙ୍କ ପୁଅ ଅନ୍ତ ମାଝି ଜିଲ୍ଲା ଶ୍ରମ ଅଧିକାରୀଙ୍କଠାରେ ନିବେଦନ କରିଥିଲେ। ଜିଲ୍ଲାପାଳ ଘଟଣା ସମ୍ପର୍କରେ ଖବର ପାଇ ମରଶରୀର ଆଣିବାର ସମସ୍ତ ବ୍ୟବସ୍ଥା କରିବା ସହ ନିୟମାନୁଯାୟୀ ସହାୟତା ପ୍ରଦାନ ପାଇଁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଶାନ୍ତିପୂର୍ଣ୍ଣ ଧାରଣା

**ଜୟପୁର,୧୫।୨(ସମିସ):** ଗ୍ରାମ୍ୟ କୃଷି କର୍ମଚାରୀ କ୍ୟାଡର ପୁନର୍ଗଠନ କରିବାକୁ ଦାବି ନେଇ ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ସଂଘର ସଦସ୍ୟମାନଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ସଂଘ ପକ୍ଷରୁ ପୂର୍ବ ସୂଚନା ଅନୁଯାୟୀ, ଗତ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ମୋବାଇଲ ସେବା କାର୍ଯ୍ୟରୁ କର୍ମଚାରୀମାନେ ନିବୃତ ରହିଥିଲେ। ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଏବଂ ଦାବି ପୂରଣ ନ ହେଲେ ଆସନ୍ତା ୨୦ ତାରିଖଠାରୁ ରାଜ୍ୟ ମୁଖ୍ୟାଳୟଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ଏହି ଧାରଣାରେ ଜିଲ୍ଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ସଭାପତି ସତ୍ୟଭାମା ନାୟକ, ସମ୍ପାଦକ ଜେ.ଅନିଲ କୁମାର, ଅନିତା ପାଢ଼ୀ, ସୁଶାନ୍ତ ମିଶ୍ର, ଶୁଭେନ୍ଦୁ ଦାଶ, ବନିତା ପ୍ରଧାନ, ମୁନି ମିଞ୍ଜ, ଜୟଲତା ମାଝି, କୁନ୍ତି ମାଝି, ସୁବାସ ଖରା, କୁନାଲ ଗମାଙ୍ଗ ପ୍ରମୁଖଙ୍କ ସମେତ ଉଭୟ ମହିଳା ଓ ପୁରୁଷ କର୍ମଚାରୀ ଯୋଗଦେଇଥିଲେ।

# ଜିଆଇଇଟି ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ନର୍ସିଂ ଛାତ୍ରଛାତ୍ରୀଙ୍କ ଶପଥପାଠ

**ଗୁଣୁପୁର,୧୫।୨(ସମିସ):** ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ ନର୍ସିଂର ପ୍ରଥମ ସେମିଷ୍ଟରର ଛାତ୍ରଛାତ୍ରୀଙ୍କ ଦୀପପ୍ରଜ୍ୱଳନ ଓ ଶପଥପାଠ ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟ ଏଙ୍ଗେଲଙ୍କ ପଟ୍ଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଭାବେ ଆନ୍ଧ୍ରପ୍ରଦେଶର ବିଜୟନଗରସ୍ଥିତ ମହାରାଜା ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସର କଲେଜ ଅଫ ନର୍ସିଂର ଅଧ୍ୟକ୍ଷା ତଥା ଭାରତର ତାଲିମପ୍ରାପ୍ତ ନର୍ସ ଆସୋସିଏସନ ଆନ୍ଧ୍ରର ରାଜ୍ୟ ସଭାପତି ପ୍ରଫେସର ସିଆର ସମସିର ବେଗମ୍ ଯୋଗଦେଇ ଉପସ୍ଥିତ ନର୍ସିଂ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇବା ସହ କଠିନ ପରିଶ୍ରମ, ସାମାଜିକ ସେବା ସହ ନର୍ସମାନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବିଷୟ କହିଥିଲେ। ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂର ଡିନ୍ ଡ.ଏବି ଶ୍ରୀନିବାସ ରାଓ ମଞ୍ଚାସିନ ଥିଲେ। ସ୍କୁଲ ଅଫ ନର୍ସିଂର ଅଧ୍ୟକ୍ଷ କେ.ସି ସୁରେଶ ବାବୁ ଯୋଗଦେଇ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଅଧ୍ୟାପିକା ଶୁଭଶ୍ରୀ ମଞ୍ଜରୀ ଚଟାଇ ସ୍ୱାଗତ ଭାଷଣ ଦେଇଥିବାବେଳେ କେ. ରତନ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଗାୟତ୍ରୀ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ସଭାରେ ନର୍ସିଂର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।



# ଜୟପୁର ଓ କୋରାପୁଟ ରେଳ ଷ୍ଟେସନରେ ଡିଆର୍‌ଏମ୍‌ଙ୍କ ଯାଞ୍ଚ



**କୋରାପୁଟ,୧୫।୨(ସମିସ):** ୱାଲଟିୟର ଡିଭିଜନର ଡିଭିଜନାଲ ରେଲୱେ ମ୍ୟାନେଜର(ଡିଆର୍‌ଏମ୍) ସୌରଭ ପ୍ରସାଦ ଜୟପୁର ଓ କୋରାପୁଟ ରେଳ ଷ୍ଟେସନକୁ ଆକସ୍ମିକ ଭାବେ ପହଞ୍ଚି ଯାଞ୍ଚ କରିଛନ୍ତି। ଜୟପୁର ରେଳ ଷ୍ଟେସନରେ ଯାତ୍ରୀ ସୁବିଧା, ପାର୍କିଂ, ସର୍କୁଲାର କ୍ଷେତ୍ରରେ ଉନ୍ନତି ଇତ୍ୟାଦି ଯୋଜନାକୁ ଡିଆର୍‌ଏମ୍ ଏବଂ ଟିମ୍ ପରିଦର୍ଶନ କରିବା ସହ ଯାତ୍ରୀମାନଙ୍କୁ ଉନ୍ନତମାନର ସେବା ପ୍ରଦାନ ନିମିତ୍ତ ସବୁ ବ୍ୟବସ୍ଥା ଗ୍ରହଣ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରି ରେଳ ଷ୍ଟେସନରେ ଯାତ୍ରୀମାନଙ୍କ ପାଇଁ ସୁବିଧା ତଥା ସେବାରେ ଉନ୍ନତି ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ କୋରାପୁଟ ଷ୍ଟେସନ ଯାଞ୍ଚ କରି ଷ୍ଟେସନ ବିଲଡିଂ, ୧୨ ମିଟର ଚଉଡ଼ା ଫୁଟଓଭର ବ୍ରିଜ ଯୋଗାଣ, ଉନ୍ନତ ସର୍କୁଲାର କ୍ଷେତ୍ର ଏବଂ ବ୍ୟାବସାୟିକ ସ୍ଥାନ ଭଳି ନୂତନ ସୁବିଧା ପାଇଁ ଯୋଜନା ଆଦି ଲକ୍ଷ୍ୟ ରଖାଯାଇଛି। ଡିଆର୍‌ଏମଙ୍କ ସହ ଏଡିଆରଏମ୍ ଏବଂ ୱାଲଟିୟର ଡିଭିଜନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# ସେମିଳିଗୁଡ଼ା ଓ ମୁନିଗୁଡ଼ାରେ 'ଆମ ବସ୍‌ଷ୍ଟାଣ୍ଡ' ଉଦ୍‌ଘାଟିତ






**ସେମିଳିଗୁଡ଼ା,୧୫।୨(ସମିସ)** 'ଆମ ବସ୍ ଷ୍ଟାଣ୍ଡ' ଯୋଜନାରେ ୧୩ଟି ଜିଲ୍ଲାର ୨୦ଟି ନୂତନ ବସଷ୍ଟାଣ୍ଡର ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ଭର୍ଚୁଆଲ ଜରିଆରେ ଯୋଡ଼ି ହୋଇ କୋରାପୁଟ ଜିଲ୍ଲା ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ସେମିଳିଗୁଡ଼ା ସହରରେ ନିର୍ମିତ ନୂତନ 'ଆମ ବସ୍ ଷ୍ଟାଣ୍ଡ'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଛନ୍ତି। ଏହି ଉଦଘାଟନୀ ଉତ୍ସବର ସିଧାପ୍ରସାରଣ ଦେଖିବା ପାଇଁ ନୂତନ ବସ୍ ଷ୍ଟାଣ୍ଡ ପରିସରରେ ବିଶେଷ ବ୍ୟବସ୍ଥା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପାଡ଼ାଲ ଯୋଗଦେଇ ସେମିଳିଗୁଡ଼ାରେ ନୂଆ ବସ୍ ଷ୍ଟାଣ୍ଡ ନିର୍ମାଣ କରାଯାଇଥିବା ଯୋଗୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ୍ ପାଣ୍ଡିଆନଙ୍କୁ କୋରାପୁଟ ଜିଲ୍ଲାବାସୀଙ୍କ ତରଫରୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ପଟାଙ୍ଗି ବିଧାୟକ ପୀତମ ପାଢ଼ି, ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାଟି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ନାରାୟଣ ସାବତ, ସୁନାବେଡ଼ା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର, ଉପାଧ୍ୟକ୍ଷ ରିତୁ କଣ୍ଡା, ବ୍ଲକ୍ ଉପାଧ୍ୟକ୍ଷ ସିବା ବାଙ୍ଗାରି, 'ମୁକ୍ତା' ରାଜ୍ୟ ଉପଦେଷ୍ଟା ମୀରା ପରିଡ଼ା, ବିଜୁ ମହିଳା ଜୋନାଲ ସଭାନେତ୍ରୀ ଲତା ରାୟ, ଜିଲ୍ଲା ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି, ସୁନାବେଡ଼ା ପୌର ପରିଷଦର ସମସ୍ତ କାଉନସିଲରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟର ଛାତ୍ରୀମାନେ ଓଡ଼ିଶୀ, ଢେମସା ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବସ୍ ଷ୍ଟାଣ୍ଡକୁ ଅତ୍ୟନ୍ତ ଆଧୁନିକ ଓ ସ୍ମାର୍ଟ ବସ୍ ଷ୍ଟାଣ୍ଡ ଭଳି ନିର୍ମାଣ କରାଯାଇଛି। ଏଥିରେ ଯାତ୍ରୀ, ଡ୍ରାଇଭର ତଥା ସମସ୍ତ ସହକାରୀ କର୍ମଚାରୀମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ରହିଛି। ଭର୍ଚୁଆଲ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ମେଟ୍ରୋ ରେଳ ଯୋଜନା ଆରମ୍ଭ ହୋଇଛି ବୋଲି କହି ଯୋଗାଯୋଗରେ ଉନ୍ନତି ହେଲେ ଲୋକଙ୍କ ରୋଜଗାର ବଢ଼ିବା ସହ ଚାଷୀ ଭାଇଭଉଣୀମାନେ ଲାଭବାନ ହେବେ ଓ ପିଲାଙ୍କ ପାଠପଢ଼ାରେ ସୁବିଧା ହେବ ବୋଲି ସେ କହିଥିଲେ। 'ଆମ ବସ୍ ଷ୍ଟାଣ୍ଡ' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଥିଲେ ଯେ ନୂଆ ବସ୍ ଷ୍ଟାଣ୍ଡଗୁଡ଼ିକ ବ୍ୟବସାୟ କେନ୍ଦ୍ର ଭାବେ ଧୀରେ ଧୀରେ ବିକଶିତ ହେବ ଏବଂ ଏହା ଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ମଧ ବୃଦ୍ଧି ପାଇବ। ସାଧାରଣ ପରିବହନ ଭିତ୍ତିଭୂମିକୁ ମଜଭୁତ କରିବା ସହିତ ଲୋକମାନେ ଯେପରି ଏହି ସାଧାରଣ ପରିବହନ ବ୍ୟବସ୍ଥାକୁ ବହୁଳ ଭାବେ ବ୍ୟବହାର କରିବେ ସେଥିପାଇଁ ସମସ୍ତଙ୍କୁ ସଚେତନ କରିବା ଆବଶ୍ୟକ। ନୂଆ ବସ୍ ଷ୍ଟାଣ୍ଡରେ ଲୋକମାନଙ୍କର ସୁରକ୍ଷା ସହିତ ସେଠାରେ ଉପଲବ୍ଧ ସାଧାରଣ ସୁବିଧା ସୁଯୋଗର ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଥିଲେ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ୍ ପଣ୍ଡିଆନ୍ ନିଜ ଅଭିଭାଷଣରେ କୋରାପୁଟରେ ମଧ ବସ୍ ଷ୍ଟାଣ୍ଡ ପାଇଁ ଜାଗା ଚୟନ ହୋଇଯାଇଛି। କୋରାପୁଟରେ ଜେଏଲସି ଚର୍ଚ୍ଚ ନିର୍ମାଣ ପାଇଁ ୩ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିବା ସହ ଦୁଇଟି ସେତୁ ନିର୍ମାଣ କରାଯାଉଥିବା ସେ ସୂଚନା ଦେଇଛନ୍ତି। ବସ୍ ଷ୍ଟାଣ୍ଡରେ ଦୁଇଟି ଟିକଟ କାଉଣ୍ଟର, ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ଭଳି ବିଭିନ୍ନ ସୁବିଧା ରହିଥିବା ସହ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବସ୍ ସହ ଲକ୍ଷ୍ମୀ ଯୋଜନାରେ ଚାଲୁଥିବା ବସ୍ ମଧ ଏଠାରେ ସେବା ଯୋଗାଇବା ନେଇ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ କହିଛନ୍ତି। ବସ୍ ଷ୍ଟାଣ୍ଡ ଲୋକାର୍ପିତ କାର୍ଯ୍ୟକ୍ରମରେ ଜିଲ୍ଲାରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

**ମୁନିଗୁଡ଼ା :** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ାରେ ନବ ନିର୍ମିତ ଆମ ବସ୍ ଷ୍ଟାଣ୍ଡକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦଘାଟନ କରିଛନ୍ତି। ଏହି ଲୋକାର୍ପଣ ସମୟରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଭାଗୀୟ ମନ୍ତ୍ରୀ ଓ ସଚିବ ଆଦି ଉପସ୍ଥିତ ଥିଲେ। ଏହି ଅବସରରେ ମୁନିଗୁଡ଼ା ଆମ ବସ ଷ୍ଟାଣ୍ଡ ପରିସରରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ସାଧାରଣ ଲୋକ ଉପସ୍ଥିତ ରହି ଉତ୍ସବକୁ ଉପଭୋଗ କରିଥିଲେ। ମୁନିଗୁଡ଼ା ବିଡିଓ ପ୍ରିତମ କୁମାର ତନ୍ତୀଙ୍କ ସଂଯୋଜନାରେ ଆୟୋଜିତ ଓ ରାଜ୍ୟ ପରିବହନ ବିଭାଗ ସହାୟତାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବ ଅବସରରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ପଛୁଆବର୍ଗ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ସ୍ୱତନ୍ତ୍ର ସମ୍ମାନିତ ଅତିଥି ରାଜ୍ୟ ବିଏସକେୱାଇ ରାଜ୍ୟ ଉପଦେଷ୍ଟା ସୁଧୀର କୁମାର ଦାସ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଉପ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁପ୍ରସାଦ ପାତ୍ର, ତହସିଲଦାର ଏମ.ଅନୁରାଧା ପ୍ରମୁଖ



ଉପସ୍ଥିତ ଥିଲେ। ପରେ ଅତିଥିମାନେ ରାଜ୍ୟ ପରିବହନ ବିଭାଗ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅନୁସୂଚିତ ଜନଜାତି ଉପଦେଷ୍ଟା ପୃଥ୍ୱୀରାଜ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡୁକା, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜଗନ୍ନାଥ ନୁଣ୍ଡୁକା, ଉପାଧ୍ୟକ୍ଷ ଆଦର୍ଶ କୁସୁଲିଆ, ଜିଲ୍ଲା ପରିଷଦ ସଦସ୍ୟା ମାଧବୀ କନ୍ଧପାଣି, ବିଜେଡି ରାଜ୍ୟ ଯୁବ ସମ୍ପାଦକ ଜ୍ୟୋତି ପ୍ରସାଦ ସାହୁ, ବିଜେଡି ବ୍ଲକ ସଭାପତି ରତନ ଲାଲ ଜୈନ, ଜିଲ୍ଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼, ଏସଡିପିଓ ସନ୍ତିଶିନି ଓରାମ, ଆଇଆଇସି ସୌଦାମିନୀ ବେହେରା ଓ ଗଣମାଧ୍ୟମ ପ୍ରତିନିଧିମାନେ ନିମନ୍ତ୍ରିତ ଅତିଥିଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଏମବିକେ, ସିଆରପି, ବ୍ୟାଙ୍କ୍ ମିତ୍ର, କୃଷି ମିତ୍ର, ବ୍ଲକ ବଡ଼ବାବୁ, ବିପିଏମ୍, ସମସ୍ତ ପିଇଓ, ଜିଆରଏସ, ବ୍ଲକ୍ କର୍ମଚାରୀ, ଯନ୍ତ୍ରୀ ଏବଂ ମୁନିଗୁଡ଼ା ପୁଲିସ ପରିଚାଳନାରେ ସହାୟତା କରିଥିଲେ।

## ସର୍ବଭାରତୀୟ ଜେଇଇ ମେନ୍‌ରେ ୯୯%ରୁ ଉର୍ଦ୍ଧ୍ୱ ନମ୍ବର ରଖିଲେ ଆୟୁଷ



**ବାଲିମେଲା,୧୫।୨(ସମିସ):** ମାଲକାନଗିରି ଜିଲ୍ଲା ବାଲିମେଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳର ଜଣେ ଛାତ୍ର ଆୟୁଷ ଦଳେଇ ସର୍ବଭାରତୀୟ ସ୍ତରରେ ଜେଇଇ ମେନ୍ ଏଣ୍ଟ୍ରାନ୍ସରେ ୯୯%ରୁ ଉର୍ଦ୍ଧ୍ୱ ନମ୍ବର ରଖି ବାଲିମେଲା ତଥା ମାଲକାନଗିରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ଆୟୁଷଙ୍କ ବାପା ନାରାୟଣ ଦଳେଇ ପେସାରେ ଜଣେ ହୋଟେଲ ମାଲିକ ଏବଂ ମାଆ ସ୍ମରଣିକା ଦଳେଇ ଗୃହିଣୀ। ମିଳିଥିବା ସୂଚନା ଅନୁଯାୟୀ, ଆୟୁଷ ବାଲିମେଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୧୦ମ ଶ୍ରେଣୀ ୨୦୨୨ ଶିକ୍ଷା ବର୍ଷରେ ୯୬% ନମ୍ବର ରଖି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବର୍ତ୍ତମାନ ବ୍ରହ୍ମପୁର ସ୍ଥିତ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଢୁଥିବାବେଳେ ଜେଇଇ ଏଣ୍ଟ୍ରାନ୍ସ ପରୀକ୍ଷାର ବି-ଟେକ୍ ପେପରରେ ସର୍ବଭାରତୀୟସ୍ତରରେ ୯୯.୧୨% ରଖିଛନ୍ତି। ବାପା ନାରାୟଣ ଛୋଟ ହୋଟେଲରୁ ସ୍ୱଳ୍ପ ରୋଜଗାରରେ ଗୁଜୁରାଣ ମେଣ୍ଟାଇବା ସହ ପୁଅକୁ ପାଠ ପଢ଼ାଇ ତାଙ୍କର ସବୁ ସ୍ୱପ୍ନକୁ ପୂରଣ କରିବାରେ କେବେ ବି ହେଳା କରିନାହାନ୍ତି। ଏହି ଖବର ପାଇବା ପରେ ପରିବାରରେ ଏକ ଖୁସିର ଲହରୀ ଖେଳିଯାଇଛି। ସମସ୍ତ ବାଲିମେଲା ବାସିନ୍ଦା ଏବଂ ଗୁରୁଜୀ ଗୁରୁମା' ଆୟୁଷଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଛନ୍ତି।

## ଜୟପୁରକୁ ଜିଲ୍ଲା ଦାବି ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



**ଜୟପୁର,୧୫।୨(ସମିସ):** କୋରାପୁଟ ଜିଲ୍ଲାର ଜୟପୁରସ୍ଥିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜୟପୁର ଉପଖଣ୍ଡକୁ ନେଇ ନୂତନ ଜିଲ୍ଲା ଗଠନ କରିବା ଦାବି ନେଇ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝିଙ୍କୁ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି। ଜୟପୁରକୁ ଜିଲ୍ଲା ଘୋଷଣା କରାଗଲେ ଆଗାମୀ ଦିନରେ ଜୟପୁର ଉପଖଣ୍ଡର ୫ଟି ବ୍ଲକ ଏବଂ ଆଖପାଖ ଅଞ୍ଚଳର ଲୋକମାନେ ଉପକୃତ ହୋଇପାରିବେ। ଗତ କିଛିଦିନ ପୂର୍ବରୁ ବିରୋଧୀ ଦଳ ନେତାଙ୍କ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ରାଜସ୍ୱ ମନ୍ତ୍ରୀଙ୍କ ଜାବାବରେ ଥିବା ୨୮ଟି ନୂଆ ଜିଲ୍ଲା ଦାବି ସୂଚୀରେ ଜୟପୁରର ନାମ ନାହିଁ। ଏହି ପରିପ୍ରେକ୍ଷୀରେ ଜୟପୁର ଜିଲ୍ଲା ପାଇଁ ପ୍ରଦାନ କରାଯାଇଥିବା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ '୫-ଟି' ଅଧ୍ୟକ୍ଷଙ୍କ ଜରିଆରେ ପ୍ରଦାନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନରେ ଜୟପୁର ଉପଖଣ୍ଡର ସମସ୍ତ ୫ଟି ବ୍ଲକର ପ୍ରତିନିଧି ଏବଂ ଜିଲ୍ଲା ଦାବି କମିଟି ପକ୍ଷରୁ ବୁଲୁ ଦେବ ଶର୍ମା, ପ୍ରକାଶ ମିଶ୍ର, ରମାକାନ୍ତ ରଥ, ଗୁପ୍ତ ପାଣିଗ୍ରାହୀ, ସତୀଶ ନନ୍ଦ, ସାନମୁଖା ରାଓ, ଜୟପୁର ଚାମ୍ବର ଅଫ୍ କମର୍ସ ଏବଂ ଇଣ୍ଡଷ୍ଟ୍ରିର ସଭାପତି ଭି. ପ୍ରଭାକର, ସ୍ଥାନୀୟ କଳାକାର ସଂଘର ମନୋଜ ପାତ୍ର, ଧିରେନ ପଟ୍ଟନାୟକ, ବୈପାରୀଗୁଡ଼ାର ବିଜୁ ପ୍ରସାଦ ପଣ୍ଡା, ବୋରିଗୁମ୍ମାର ପଦ୍ମନ ସ୍ୱାଇଁ ଏବଂ ଦଳିତ ସାମାଜ ପ୍ରତିନିଧି ଜାକବ ଗାଣ୍ଡାଙ୍କ ସମେତ ଶତାଧିକ କର୍ମକର୍ତ୍ତା ଓ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ।

## ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ମାଲକାନଗିରି ଜିଲ୍ଲା ପୁରସ୍କୃତ




**ମାଲକାନଗିରି,୧୫।୨(ସମିସ)** ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ମାଲକାନଗିରି ଜିଲ୍ଲା ଉତ୍କୃଷ୍ଟତା ପ୍ରଦର୍ଶନ କରି ଆସିଛି। ଉତ୍କୃଷ୍ଟ ସ୍ୱାସ୍ଥ୍ୟ ପ୍ରଦାନ ନିମନ୍ତେ ଗୁରୁବାର ମାଲକାନଗିରି ଜିଲ୍ଲାକୁ ରାଜ୍ୟସ୍ତରରେ ପୁରସ୍କୃତ କରାଯାଇଛି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବର ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କୃଷ୍ଟତା ପ୍ରଦର୍ଶନ କରିଥିବା ସ୍ୱାସ୍ଥ୍ୟସେବା ଅନୁଷ୍ଠାନଙ୍କୁ '୫-ଟି' ଅଧୀନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପୁରସ୍କାର' ପ୍ରଦାନ କରିଛନ୍ତି। ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଏସଡିଏଚ୍ ଚିତ୍ରକୋଣ୍ଡାକୁ ୨୦୨୨-୨୩ ବର୍ଷ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଫୁଲ୍ଲ ନନ୍ଦ, ଡେପୁଟି ନର୍ସିଂ ସୁପେରିଣ୍ଟେଣ୍ଡେଣ୍ଟ, ରୁକ୍ମଣୀ ନାୟକ ଓ ହସ୍ପିଟାଲ ମ୍ୟାନେଜର, ଶଶାଙ୍କ ଶେଖର ପଣ୍ଡିତ୍ରା ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଚିତ୍ରକୋଣ୍ଡା ଏସଡିଏଚ୍ ପାଇଁ ସୁପେରିଣ୍ଟେଣ୍ଡେଣ୍ଟ, କ୍ଷୀରୋଦ ଚନ୍ଦ୍ର ମହନ୍ତ, ରାଜେନ୍ଦ୍ର ଦାସ ଓ ସନ୍ତୋଷୀ ସାହା ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି ୨୦୨୦-୨୧ ବର୍ଷ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାଲକାନଗିରିକୁ ଏହା ପ୍ରଦାନ କରାଯାଇଥିବାବେଳେ ପୂର୍ବତନ ମେଡିକାଲ ଅଧିକାରୀ ଡା. ଶିବ ପ୍ରସାଦ ମହାରଣା, ବିଏଏମ, ଡିଏଚଏଚ, ମନୋଜ ନାୟକ ଓ ଆସିଷ୍ଟାଣ୍ଟ ମ୍ୟାନେଜର, କ୍ୱାଲିଟି ଆସ୍ୟୁରାନ୍ସ, ସଚିନ ଦେବ ଗୌଡ଼ ପୁରସ୍କାରକୁ ଗ୍ରହଣ କରିଛନ୍ତି। ୨୦୨୧-୨୨ ବର୍ଷ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ କୁଡୁମୁଲୁଗୁମ୍ମା ସିଏଚସିକୁ ଏହି ପୁରସ୍କାର ମିଳିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିମନ୍ତେ ଡିଏମଓ ଏମଏସ ଡା. ଅନିଲ କୁମାର ମିଶ୍ର, ପ୍ରଣବ କିଶୋର ପାଣିଗ୍ରାହୀ ଓ ଅଙ୍କିତ ଜୈନ ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି କୁଡୁମୁଲୁଗୁମ୍ମା ସିଏଚସି ପାଇଁ ମେଡିକାଲ ଅଧିକାରୀ, ଡା. ମହେଶ ପ୍ରସାଦ ପତି, ଡା. ସନ୍ତୋଷ ଷଡ଼ଙ୍ଗୀ ଓ ସଞ୍ଜୟ କୁମାର ପୃଷ୍ଟି ପୁରସ୍କାର ଗ୍ରହଣ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଆଇସିୟୁ ସ୍ପେଶାଲିଷ୍ଟ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ କୋଭିଡ୍ ସମୟରେ ଉତ୍କୃଷ୍ଟ କାର୍ଯ୍ୟ ସମ୍ପାଦନ କରିଥିବାରୁ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ସଚିନ ପାୱାର ନିଜର ଖୁସିବ୍ୟକ୍ତ କରି କହିଛନ୍ତି ଯେ ଏହି ପୁରସ୍କାର ସମସ୍ତ ସ୍ୱାସ୍ଥ୍ୟସେବୀଙ୍କୁ ନିଷ୍ଠାପର ଭାବରେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ପ୍ରେରଣା ଯୋଗାଇବ।

DSPL-568
ଓଡ଼ିଶା ସରକାର

**ଉଚ୍ଚ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ**
**ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା**



ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୪ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହା ପରିଚାଳିତ ହେଉଛି।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ। ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ। ବିଶେଷ କରି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କର ଏ ଦିଗରେ ବିଶେଷ ଭୂମିକା ରହିଛି। ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରୁଛି।

ଏହି ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



**ବାର୍ତ୍ତା**

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ଇପ୍ସିତ ସଫଳତା କାମନା କରୁଛି। ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ। ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି।

ସୁଦାମ ମାର୍ଣ୍ଡି
(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ
ପରିଚାଳନା ମନ୍ତ୍ରୀ, ଓଡ଼ିଶା

OIPR-11003/13/0013/2324

## ସୀମାନ୍ତରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ

**ମାଲକାନଗିରି,୧୫।୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ସୂଚନାନୁଯାୟୀ, ଆଜି ସକାଳେ ବିଜାପୁର ଜିଲ୍ଲାର ପୁଲିସ ଓ ସୁରକ୍ଷା କର୍ମୀ କମ୍ବିଂ ଅପରେସନ କରୁଥିବା ସମୟରେ ମାଓବାଦୀମାନେ ସେମାନଙ୍କୁ ଦେଖି ଆକ୍ରମଣ କରିଥିଲେ। ପରେ ପାଲଟା ଜବାବରେ ପୁଲିସ ମଧ୍ୟ ମାଓବାଦୀଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ତେବେ ପୁଲିସର ଗୁଳି ଚାଳନାକୁ ସାମନା କରି ନ ପାରି ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପରବର୍ତ୍ତୀ ସମୟରେ କମ୍ବିଂ ଅପରେସନ ବେଳେ ଘଟଣାସ୍ଥଳରୁ ଛଅଟି ୫ କିଲୋ ବିଶିଷ୍ଟ ପ୍ରେସର ବୋମା ଉଦ୍ଧାର କରିଥିବା ସୂଚନା ମିଳିଛି। ତେବେ ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ସମ୍ମାନିତ

**ଚିତ୍ରକୋଣ୍ଡା,୧୫।୨(ସମିସ):** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାଲକାନଗିରି ଜିଲ୍ଲାର ଗୋଟିଏ ମାତ୍ର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହୋଇଛି। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରର ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ମହନ୍ତ, ଜୁନିଅର ଆସିଷ୍ଟାଣ୍ଟ ରାଜେନ୍ଦ୍ର କୁମାର ଦାସ ଓ ଆକାଉଣ୍ଟାଣ୍ଟ ସନ୍ତୋଷୀ ସାହା ଏହି ପୁରସ୍କାର ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ସ୍ୱାସ୍ଥ୍ୟ ସଚିବ ସାଲିନି ପଣ୍ଡିତଙ୍କଠାରୁ ମାନପତ୍ର ଗ୍ରହଣ କରିଛନ୍ତି। ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ମହନ୍ତ ଏହି ପୁରସ୍କାରର ଶ୍ରେୟ ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ଦେଇଛନ୍ତି। ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ଏହି ପୁରସ୍କାର ମିଳିଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଖୁସି ପ୍ରକଟ କରିଛନ୍ତି।

### ଗୋବିନ୍ଦପାଲି ଖେଳପଡ଼ିଆ ଓ କ୍ଲବ୍ ଉଦ୍‌ଘାଟିତ

# ଖେଳପଡ଼ିଆର ଉନ୍ନତିକରଣ ପାଇଁ ପ୍ରତିଶ୍ରୁତି

**ଗୋବିନ୍ଦପାଲ୍ଲୀ,୧୫।୨(ସମିସ):** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀରେ ଗୁରୁବାର ଖେଳପଡ଼ିଆ ସହ କ୍ଲବଘର ମଧ୍ୟ ଉଦଘାଟିତ ହୋଇଯାଇଛି। ବହୁ ବର୍ଷ ହେବ ଗୋବିନ୍ଦପାଲ୍ଲୀରେ କୌଣସି ଖେଳପଡ଼ିଆ ନ ଥିବା ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲା। ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିବା ସରପଞ୍ଚ ନିଜ ପ୍ରତିଶ୍ରୁତି ରକ୍ଷାକରି ଗୋବିନ୍ଦପାଲିରେ ଏକ ଖେଳପଡ଼ିଆ ନିର୍ମାଣ କରାଇଥିଲେ। କିଛିଦିନ ତଳେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ତରଫରୁ ଖେଳପଡ଼ିଆ ନିକଟରେ ଏକ କ୍ଲବ୍ ଘର ପାଇଁ ଗ୍ରାମବାସୀଙ୍କ ସହ ଯୁବକମାନେ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନିଙ୍କୁ ନିବେଦନ କରିଥିଲେ। ତାହା ପାରିତ ହୋଇ ଏକ କ୍ଲବ ଘର ମଧ୍ୟ ନିର୍ମାଣ ହୋଇଛି ଯାହା ପାଇଁ ଗ୍ରାମବାସୀ ତଥା ଖେଳୁଥିବା ଯୁବକମାନେ ବ୍ଲକ ଅଧକ୍ଷ ଓ ସରପଞ୍ଚଙ୍କୁ ଧନ୍ୟବାଦ ଦେଇଛନ୍ତି। ଆଜି ନୂତନ ଖେଳପଡ଼ିଆରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଧ୍ୟ ଆୟୋଜିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ବିଜେତାଙ୍କ ପାଇଁ ୨୦ ହଜାର, ଟ୍ରଫି ଏବଂ ରନର୍ସ ଟିମ ପାଇଁ ୧୫ହଜାର ସାଙ୍ଗକୁ ଏକ ସୁନ୍ଦର ଟ୍ରଫି ପୁରସ୍କାର ପାଇଁ ରଖାଯାଇଛି। ସେହି ଭଳି ପ୍ରତ୍ୟେକ ମ୍ୟାଚରେ ମ୍ୟାନ ଅଫ ଦ ମ୍ୟାଚ୍ ଓ ଶେଷକୁ ମ୍ୟାନ ଅଫ ଦ ସିରିଜ ପାଇଁ ଏକ ସୁନ୍ଦର ଟ୍ରଫି ରଖାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନି, ସମ୍ମାନିତ ଅତିଥି ଭାବେ ସସ୍ମିତା ମାଝି, ଜିଲ୍ଲାପରିଷଦ ମାଥିଲି ଜୋନ-୩ ଓ ଗୋବିନ୍ଦପାଲି ସରପଞ୍ଚ ଶ୍ରୀନିବାସ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ଗୋବିନ୍ଦପାଲ୍ଲୀ ସରପଞ୍ଚ ଶ୍ରୀନିବାସ ମୁଦୁଲିଙ୍କ ପ୍ରୟାସରେ ଏହି ଖେଳପଡ଼ିଆଟି ନିର୍ମାଣ ହୋଇଥିବାରୁ ତାଙ୍କୁ ଯୁବକ ଖେଳାଳିମାନେ ଧନ୍ୟବାଦ ଦେବା ସହ ଏକ ବୋରୱେଲ ନିର୍ମାଣ ପାଇଁ ଅନୁରୋଧ କରିଥିଲେ ଯାହାକୁ ଅତିଶୀଘ୍ର କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏପଟେ ଠିକ୍ ସେହିଭଳି ଖେଳପଡ଼ିଆରେ ମାଟି ଅତଡ଼ା ନ ଖସିବା ପାଇଁ ଏକ ଗାର୍ଡୱାଲର ଆବଶ୍ୟକ ରହିଛି ତେଣୁ ଖେଳାଳିଙ୍କ ଅନୁରୋଧ କ୍ରମେ ୧୦ ଲକ୍ଷ ଟଙ୍କାର ଏକ ଗାର୍ଡୱାଲ୍ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀ। ଯାହା ପାଇଁ ଅଧକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ୍ ଭାଗନେବାକୁ ଥିବାବେଳେ ସମସ୍ତ ମ୍ୟାଚ୍ ନକ ଆଉଟ୍ ରହିବ। ପ୍ରଥମ ମ୍ୟାଚରେ କୋରାପାଲି ଓ ମଲାଲିଗୁଡ଼ା ମଧ୍ୟରେ ରହିଥିବା ବେଳେ ମାଲାଲିଗୁଡ଼ା ଗୁଡ଼ା ପରାସ୍ତ ହୋଇଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚରେ କଦମଗୁଡ଼ା ଓ ସେରପଲ୍ଲୀ ମଧ୍ୟରେ ଥିବାବେଳେ କଦମଗୁଡ଼ା ବିଜୟ ହୋଇଥିଲା।



## ନାଗେଶ୍ୱରୀ ଖଣି ପ୍ରଭାବିତ ଜମି ମାଲିକ ସଂଘ ଗଠିତ

**ନନ୍ଦପୁର,୧୫।୨(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ବାଲଡ଼ା ନାଗେଶ୍ୱରୀ ବକ୍ସାଇଟ ଖଣି ନିଲାମ ଅଦାନୀ ଗ୍ରୁପ ହାତରେ ରହିଥିବାବେଳେ ଖଣି ଉତ୍ତୋଳନ ହେଲେ ସ୍ଥାନୀୟ ଜମି ଓ ଜଳ ପ୍ରବଳ ମାତ୍ରାରେ ପ୍ରଦୂଷଣ ହେବାର ଆଶଙ୍କା କରି ଏହାର ସମାଧାନ, ପ୍ରତିକାର ଓ ମୁକାବିଲା କରିବା ପାଇଁ ସ୍ଥାନୀୟ ଜମି ମାଲିକମାନେ ମିଳିତ ଭାବେ ଏକ ସଂଘ ଗଠନ କରିଛନ୍ତି। ଶ୍ରୀପଞ୍ଚମୀ ତିଥିରେ 'ନାଗେଶ୍ୱରୀ ଖଣି ପ୍ରଭାବିତ ଜମି ମାଲିକ ସଂଘ' ନାମରେ ଏକ ସଂଘ ଗଠିତ ହୋଇଛି। ନାଗେଶ୍ୱରୀ ମାଳି ପର୍ବତ ଚତୁଃପାର୍ଶ୍ୱରେ ଥିବା ପାର୍ଶ୍ୱବର୍ତ୍ତୀ ଗ୍ରାମ ମୌଜାରେ ଥିବା ଜମି ମାଲିକମାନେ ଏହାର ସଭ୍ୟସଭ୍ୟା ହୋଇଛନ୍ତି। ଜମି ମାଲିକ ଦୁର୍ଯ୍ୟ ଦେସ୍ତି ଓ ଅର୍ଜୁନ ଦେସ୍ତିଙ୍କ ମିଳିତ ଆବାହନରେ ହୋଇଥିବା ବୈଠକରେ ରାଜକିଶୋର ନାୟକଙ୍କୁ ସଭାପତି, କମଳଲୋଚନ ଖେମୁଣ୍ଡୁଙ୍କୁ ଉପସଭାପତି, ରଘୁରାମ ଏଟିଙ୍ଗଙ୍କୁ ସାଧାରଣ ସମ୍ପାଦକ, ମାଣିକ ସୀସାଙ୍କୁ ସଂଗଠନ ସମ୍ପାଦକ, ରାମ ଗଲରୀଙ୍କୁ ସମ୍ପାଦକ, ଗୋପାଳ ଏଟିଙ୍ଗଙ୍କୁ କୋଷାଧକ୍ଷ ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। କାର୍ଯ୍ୟକାରୀ ସଭ୍ୟ ଭାବେ ନନ୍ଦ ଏଟିଙ୍ଗ, ବୁଦୁରାମ ଖିଲ, ବଳରାମ ଦେସ୍ତି, ଅର୍ଜୁନ ଏଟିଙ୍ଗ, କାର୍ତ୍ତିକ ଖରା, ମଙ୍ଗଳା ଏଟିଙ୍ଗ, କମୁ ଖେମୁଣ୍ଡୁ ଓ ବୁଦୁ ଖେମୁଣ୍ଡୁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଗଲା। ଚାଷ ଜମିର ସୁରକ୍ଷା, ଜଳର ସୁରକ୍ଷା, ପ୍ରଦୂଷଣର ମୁକାବିଲା, ଆଧୁନିକ କୃଷି ପ୍ରଣାଳୀ, ସରକାରୀ ସହାୟତା, କୃଷି ବୀମା ଓ କୃଷି ବଜାର ଇତ୍ୟାଦି ବିଷୟରେ ଆଲୋଚନା ହୋଇ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା।



## ଦୁର୍ଗା ଓ ନବଦୁର୍ଗା ରାଇସ୍ ମିଲ୍‌କୁ ସିଲ୍ କଲା ପ୍ରଶାସନ



**ଉମରକୋଟ,୧୫।୨(ସମିସ):** ସରକାରୀଙ୍କ ଚୁକ୍ତି ଅବମାନନା କରିବାରୁ ଦୁଇଟି ରାଇସ୍ ମିଲ୍‌କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲାର ଅନେକ ରାଇସ୍ ମିଲ୍ ମାଲିକମାନେ ୨୦୨୨-୨୩ ଆର୍ଥିକ ବର୍ଷରେ ସରକାରଙ୍କ ନିୟମ ଅନୁଯାୟୀ ମଣ୍ଡିରୁ ଧାନ ନେଇ ଚାଉଳ ଦେବାକୁ ଚୁକ୍ତି କରିଥିଲେ। କିନ୍ତୁ ଉକ୍ତ ଚୁକ୍ତିକୁ ଅବମାନନା କରିଥିବା ଅଭିଯୋଗରେ ଝରିଗାଁ ବ୍ଲକ୍ ଧୋଡ୍ରା ପଞ୍ଚାୟତ ଅଧୀନ ମାଝୀଗୁଡ଼ା ଗ୍ରାମରେ ଥିବା ନବଦୁର୍ଗା ମୋର୍ଡେନ ରାଇସ୍ ମିଲ୍ ଓ ଦୁର୍ଗା ରାଇସ୍ ମିଲ୍‌କୁ ଗୁରୁବାର ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ନିର୍ଦ୍ଧାରିତ ସମୟ ବିତିଯାଇଥିଲେ ସୁଦ୍ଧା ନବଦୁର୍ଗା ମର୍ଡେନ ରାଇସ୍ ମିଲ୍ ମିଲିଂ ପାଇଁ ନେଇଥିବା ଧାନ ବାବଦକୁ ସରକାରଙ୍କୁ ୪୫୦୩.୫୮ କୁଇଣ୍ଟାଲ ଚାଉଳ ଫେରାଇ ନ ଥିଲେ। ସେହିଭଳି ଦୁର୍ଗା ରାଇସ୍ ମିଲ୍ ନିର୍ଦ୍ଧାରିତ ସମୟ ସୁଦ୍ଧା ୧୨୬୮.୪୨ କୁଇଣ୍ଟାଲ ଚାଉଳ ଫେରାଇ ନ ଥିଲେ। ତେଣୁ ଉକ୍ତ ଦୁଇଟି ମିଲ୍‌କୁ ସିଲ୍ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ଉରେ ସହାୟକ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନ, ମିଳନ କୁମାର ମାଝି, ଯୋଗାଣ ନିରୀକ୍ଷକ ଦେବେନ୍ଦ୍ର ନାଥ ସେଠିଆ ପ୍ରମୁଖ ଉପସ୍ଥିତ ଥିଲେ। ଦୁଇଟି ମିଲ୍‌କୁ ସିଲ୍ ସମୟରେ ମିଲ୍ ଭିତରେ କୌଣସି ଧାନ, ଚାଉଳ ନ ଥିବା ନେଇ ସୂଚନା ମିଳିଛି।

### ଅନ୍ତର୍ଜାତୀୟ ମାର୍ଶାଲ ଆର୍ଟ ପ୍ରତିଯୋଗିତା

## ସ୍ୱର୍ଣ୍ଣପଦକ ବିଜେତାଙ୍କୁ ଶୁଭେଚ୍ଛା ଜଣାଇବାକୁ ଭୁଲିଗଲା ପ୍ରଶାସନ

**କୋଲନରା,୧୫।୨(ସମିସ):** ରାୟଗଡ଼ାର ସୁପୁତ୍ର ଏଲ୍ ରମେଶ କୁମାର ଦିବ୍ୟାଙ୍ଗ ହେଲେ ସୁଦ୍ଧା ସ୍ୱର୍ଣ୍ଣପଦକ ଜିତି ଜିଲ୍ଲା, ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ସୂଚନାନୁଯାୟୀ, ଗତ ୧୧ ତାରିଖରେ ହାଇଦରାବାଦସ୍ଥିତ ଡ୍ରାଗନ୍ ଫାଇଟର୍ସ ମାର୍ଶଲ ଆର୍ଟ ଆସୋସିଏସନ ଦ୍ୱାରା ସାର୍ଡୋନଗର,ଇନ୍ଦୋର ଷ୍ଟାଡିୟମରେ ଆୟୋଜିତ ତୃତୀୟ ଅନ୍ତର୍ଜାତୀୟ ଅଲ୍ ଷ୍ଟାଇଲ୍ ମାର୍ଶାଲ ଆର୍ଟ ଚାମ୍ପିଅନସିପରେ ମୋଟ ୧୨ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶେଷ ରାଉଣ୍ଡରେ ୪ଟି ଦେଶ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ୪ ଟି ଦେଶ ମଧ୍ୟରେ ଏହି ସ୍ୱର୍ଣ୍ଣପଦକ ହାସଲ କରି ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଛନ୍ତି ରାୟଗଡ଼ାର ଦିବ୍ୟାଙ୍ଗ ରମେଶ। ସେ ସ୍ୱର୍ଣ୍ଣପଦକ ପାଇବା ପରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେଖ ଅଲିନୁରଙ୍କୁ ଟ୍ରେନ୍ ଯୋଗେ ରାୟଗଡ଼ା ଫେରିବା ସୂଚନା ଦେଇଥିଲେ। କିନ୍ତୁ ଏଭଳି ଏକ ପ୍ରତିଭାବାନଙ୍କୁ ଶୁଭେଚ୍ଛା ଜଣେଇବା ପାଇଁ ପ୍ରଶାସନ ତରଫରୁ କେହି ହେଲେ ଜଣେ ବି ଷ୍ଟେସନରେ ପହଞ୍ଚି ନ ଥିଲେ। ବରଂ ରାୟଗଡ଼ା ରେଳଷ୍ଟେସନଠାରେ ରମେଶଙ୍କୁ ବିଭିନ୍ନ ସଂଗଠନ ତରଫରୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ସଭାପତି ଡ. ବାଦଲ କୁମାର ତାହା, ବରିଷ୍ଠ ସାମ୍ବାଦିକ ଅଜୟ ରଥ, ବିଦ୍ୟାଭୂଷଣ ପଣ୍ଡା, ଏମ ବିଦ୍ୟା ସାଗର, ତିରୁମାଳା ପଟ୍ଟନାୟକ, କୈଳାସ ସ୍ୱାଇଁ, ତପନ କାର୍ତ୍ତିକା, ସକ୍ଷମ ତରଫରୁ ଶ୍ୟାମ କୁମାର ଦାଶ, ରାୟଗଡ଼ା ଭିନକ୍ଷମ ମହାସଂଘ ତରଫରୁ ସଭାପତି ରାକେଶ ହିମିରିକା, ସମ୍ପାଦକ ଜଳେନ୍ଦ୍ର ବାଟେଲି, ଭାରତୀୟ ମଜଦୁର ସଂଘ ତରଫରୁ ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାଶ, ବିଜେପି ତରଫରୁ ବସନ୍ତ ଉଲ୍ଲକା, ମଞ୍ଜୁଳା ମିଣିଆକା,ଏ. ବାଣିଶ୍ରୀ, ଅଜୟ ଚୁଲେଟ, ଟି ନାଗରାଜୁ, ପି କ୍ରିଷ୍ଣା, ଝରଣା ମହାନ୍ତି, ଚିଣ୍ଟୁ ଚୌଧୁରୀ ସମେତ ସମସ୍ତ ସଂଗଠନର ସଦସ୍ୟମାନେ ଉପସ୍ଥିତ ରହି ରମେଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଅନ୍ୟପକ୍ଷରେ ଜିଲ୍ଲା ପାଇଁ ଗୌରବ ଆଣିଥିବା ରମେଶଙ୍କ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ପ୍ରଶାସନ ତରଫରୁ କୌଣସି ବ୍ୟବସ୍ଥା ହୋଇ ନ ଥିଲା। ପ୍ରଶାସନର ଦେଶ ଓ ରାଜ୍ୟ ପ୍ରତି ସୁନାମ ଅର୍ଜନ କରିଥିବା ଦିବ୍ୟାଙ୍ଗ ରମେଶଙ୍କ ପ୍ରତି ଏପରି ବୈମାତୃକ ମନଭାବକୁ ବୁଦ୍ଧିଜୀବୀ ଏବଂ ଜନସାଧାରଣଙ୍କ ପକ୍ଷରୁ ନିନ୍ଦା କରାଯାଇଛି।



## ଚନ୍ଦ୍ରପୁର ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଚନ୍ଦ୍ରପୁର,୧୫।୨(ସମିସ):** ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା କଲ୍ୟାଣ ବିଭାଗ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭାସ୍କର ଗମାଙ୍ଗୋଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ କୋଇନ କିମ୍ବାକା, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧୀକାରୀ ଶ୍ୟାମଘନ ଭୂୟାଁ, ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ନୀଳକଣ୍ଠ ବେହେରା, ସରପଞ୍ଚ ରଞ୍ଜିତା ବ୍ରେକବେଡ଼ା, ବିଦ୍ୟାଳୟର ସ୍କୁଲ କମିଟି ସଭାପତି ହାଡ଼ିବନ୍ଧୁ ବ୍ରେକବେଡ଼ା, ପଦ୍ମପୁରର ବିଶିଷ୍ଟ ଚରକ ବୈଦ୍ୟ, ଜିଲ୍ଲା ବୈଦ୍ୟ ସଂଘ ସଭାପତି ରାମକୃଷ୍ଣ ଚୌଧୁରୀ, ସାମ୍ବାଦିକ ବିଜୟ ପ୍ରସାଦ ଉର୍ଲକା, ହାଡ଼ିପା ଗୌଡ଼ ଓ ପ୍ରମୋଦ କୁମାର ସାହୁକାର ଯୋଗଦେଇଥିଲେ। ଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇ କାର୍ଯକ୍ରମକୁ ଶୁଭାରମ୍ଭ କରାଯାଇଥିଲା। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ପରେ ପ୍ରଧାନଶିକ୍ଷକ ଭାସ୍କର ଗମାଙ୍ଗୋ ବାର୍ଷିକ ବିବରଣୀ ପାଠକରି ଛାତ୍ରମାନେ ପରୀକ୍ଷାରେ ଶତପ୍ରତିଶତ କରିଥିବା ନେଇ କହିଥିଲେ। ଛାତ୍ରମାନେ ପାଠପଢ଼ି ଭବିଷ୍ୟତରେ ଜଣେଜଣେ ସଫଳ ବ୍ୟକ୍ତି ହୋଇ ସୁନାଗରିକ ହେବା ପାଇଁ ମଞ୍ଚାସୀନ ଅତିଥିମାନେ ଆହ୍ୱାନ ଦେଇଥିଲେ। ପାଠ ପଢ଼ିବା ସହ କ୍ରୀଡ଼ା ଶାରୀରିକ ଓ ମାନସିକସ୍ତରରେ ବିକାଶ କରିଥାଏ। କଠିନ ପରିଶ୍ରମ କଲେ ଜୀବନରେ ସଫଳତା ଆଣିଥାଏ ବୋଲି ମୁଖ୍ୟ ବକ୍ତା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଭୂୟାଁ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରମାନେ ସାଂସ୍କୃତିକ କର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ କୃତୀ ଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ, ପ୍ରଶାନ୍ତ କୁମାର ରାହାଲୁ ମଞ୍ଚପରିଚଳନା କରିଥିଲେ। ଜନାର୍ଦ୍ଦନ ଶବର, ମକର ତୁହିକା, ସାରଙ୍ଗ ବାଗ ଓ ପ୍ରଶାନ୍ତ ରହାଲୁ ପ୍ରମୁକ ସହଯୋଗ କରିଥିଲେ। ବାର୍ଷିକ ଉତ୍ସବରେ ଡାଙ୍ଗସରଡ଼ା, ରାଇବିଜି, ନେହୂରୁପଙ୍ଗା, ବଢୁବାଲି, ହାକୁସପଗା, ନୋଡାଲହାଇସ୍କୁଲ, ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ।




## ସାମ୍ବାଦିକଙ୍କ ମାନବିକତା; ୨ ଗୁରୁତରଙ୍କୁ ମେଡିକାଲ ନେଲେ

**ମୈଦଲପୁର,୧୫।୨(ସମିସ):** ଦୁର୍ଘଟଣାରେ ଗୁରୁତର ୨ ଯୁବକଙ୍କୁ ମେଡିକାଲରେ ଭର୍ତ୍ତି କରି ମାନବିକତାର ପରିଚୟ ଦେଇଛନ୍ତି ଯୁବ ସାମ୍ବାଦିକ ନିର୍ମଳ ବିଷୋୟୀ। ସାମ୍ବାଦିକ ନିର୍ମଳ ବିଷୋୟୀଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଆହତ ୨ ଯୁବକ ହେଲେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତ ଅନ୍ତର୍ଗତ ଭରଗୀଭୋଟା ଗାଁର ଘାଷି ରାମ ଗୌଡ଼ ଓ ମନୁ ଗୌଡ଼। ମିଳିଥିବା ସୂଚନା ଅନୁଯାୟୀ, ଦୁଇ ଯୁବକ କୌଣସି କାମରେ ମୈଦଲପୁର ଅଞ୍ଚଳକୁ ଆସି ଏକ ବାଇକରେ ଘରକୁ ଯାଉଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ମୈଦଲପୁର ଥାନା ମାଝୀଗୁଡ଼ା ଗାଁ ନିକଟରେ ବାଇକରୁ ପଡ଼ି ଚାଷ ଜମି ଭିତରକୁ ଛିଟିକି ପଡ଼ିଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଯୁବ ସାମ୍ବାଦିକ ନିର୍ମଳ ବିଷୋୟୀ ଯାଉଥିବାବେଳେ ରାସ୍ତାକଡ଼ରେ ଦୁଇ ଯୁବକ ଛଟପଟ ହେଉଥିବା ଦେଖି ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବା ସହ ଉଭୟଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ।

## ମିଳିନି ୪ ମାସର ଦରମା; ଧାରଣାରେ ସିକ୍ୟୁରିଟି ଗାର୍ଡ

**ଚିତ୍ରକୋଣ୍ଡା,୧୫।୨(ସମିସ):** ଚିତ୍ରକୋଣ୍ଡା ମୁଖ୍ୟ ବନ୍ଧର ଦୁଇ ପାର୍ଶ୍ୱ ଗେଟରେ ତାଲା ଦେଇ ମୁଖ୍ୟ ଗେଟ ନିକଟରେ ଧାରଣାରେ ବସିଲେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ଼। ବାଲିମେଳା ବନ୍ଧ ବିଭାଜନ ଅଧୀନରେ ଗତ ବର୍ଷ ମୁଖ୍ୟ ଡ୍ୟାମ୍, ଲଞ୍ଚ ଘାଟ, ସ୍ପିଲଓ୍ୱେ କଂକ୍ରିଟ ଡ୍ୟାମର ସୁରକ୍ଷା ପାଇଁ ସିକ୍ୟୁରିଟି ଗାର୍ଡ଼ ନିଯୁକ୍ତି ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସେହି କ୍ରମରେ ଭୁବନେଶ୍ୱରସ୍ଥିତ ଡ୍ରିମ ପାୱାର ଇଣ୍ଟେଲିଜେନ୍ସ ଏବଂ ହସ୍ପିଟାଲିଟି ଲିମିଟେଡ଼ ସଂସ୍ଥା ପକ୍ଷରୁ ଚିତ୍ରକୋଣ୍ଡା ଅଞ୍ଚଳର ୨୭ ଜଣ ବ୍ୟକ୍ତିଙ୍କୁ ସିକ୍ୟୁରିଟି ଗାର୍ଡ ରୂପେ ନିଯୁକ୍ତି ଦିଆଯାଇଥିଲା। ନିଯୁକ୍ତି ଦେବା ଦିନଠାରୁ ଉକ୍ତ ସଂସ୍ଥା ଠିକ ଭାବେ ଦରମା ଦେଉନଥିବା ଏବଂ ଚାରିମାସ ହେବ ଦରମା ଦେଇନାହିଁ। ଏପରିକି ଦୈନିକ ୩୯୨ ଟଙ୍କା ଦରମା ଦେବା ବଦଳରେ ୩୬୦ ଟଙ୍କା କମ ଦରମା ଦେବା ସହ ଦରମାରୁ କଟାଯାଉଥିବା ଇପିଏଫ ଟଙ୍କା ମଧ୍ୟ ଜମା କରାଯାଉନଥିବା ଧାରଣାରେ ବସିଥିବା ସିକ୍ୟୁରିଟି ଗାର୍ଡ ଅଭିଯୋଗ କରିଛନ୍ତି। ବର୍ଷା, ଶୀତ ଓ କାକରରେ ୩ଟି ସିଫ୍ଟରେ ଡ୍ୟୁଟି କରିଲେ ମଧ୍ୟ ଆଜିକୁ ଚାରିମାସ ହେବ ସଂସ୍ଥା ତରଫରୁ ଦରମା ଦିଆଯାଇନାହିଁ। ଏନେଇ ମାଟି ବନ୍ଧ ବିଭାଜନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ବହୁତ ବାର ଅଭିଯୋଗ କଲା ପରେ ମଧ୍ୟ କୌଣସି ଫଳ ନ ମିଳିବାରୁ ବାଧ ହୋଇ ଆନ୍ଦୋଳନାତ୍ମକ ରାସ୍ତା ଆପଣେଇ ଥିବା କହିଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତି ଓ ଅସ୍ତ୍ରୋପଚାର ଗୃହକୁ 'ଲକ୍ଷ୍ୟ' ସାର୍ଟିଫିକେଟ୍

**ନବରଙ୍ଗପୁର,୧୫।୨(ସମିସ)** ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପାଇଁ '୫-ଟି' ଆନୁକୂଲ୍ୟରେ ମୁଖ୍ୟମନ୍ତ୍ରୀଙ୍କ ବର୍ଣ୍ଣାଢ଼୍ୟ ସମାରୋହରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଜିଲ୍ଲା ସଦରମହକୁମା ହସ୍ପିଟାଲ ପ୍ରସୂତି ଗୃହ ଓ ଅସ୍ତ୍ରୋପଚାର ଗୃହକୁ 'ଲକ୍ଷ୍ୟ' ସାର୍ଟିଫିକେଟ ୨୦୨୧-୨୨ ବର୍ଷ ପାଇଁ ରାଜ୍ୟସ୍ତରରେ ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ କରାଯାଇଛି। ଏଥିସହିତ ଜିଲ୍ଲାର ଉମରକୋଟସ୍ଥିତ ପୂଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱଚ୍ଛତା ଓ ଗୁଣାବତ୍ତା ପାଇଁ ଜିଲ୍ଲାର ଶ୍ରେଷ୍ଠ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ସାର୍ଟିଫିକେଟ ଓ ଟ୍ରଫି ଉଭୟ ଅନୁଷ୍ଠାନର ମୁଖ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କାଳୀପ୍ରସାଦ ବେହେରା, ଏଡିଏମ୍‌ଓ (ମେଡିକାଲ) ଡା. ସୁକାନ୍ତ ଶତପଥି, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ, ପୂଜାରୀଗୁଡ଼ା ସୁପରିଟେଣ୍ଡେଣ୍ଟ ଡା. ପତିତପାବନ ଦ୍ୱିବେଦୀ ଏବଂ ବିପିଏମ୍ ଜଗନ୍ନାଥ ମିଶ୍ର ପ୍ରମୁଖ ଉତ୍ସବରେ ପୁରସ୍କାର ଗ୍ରହଣ କରିଥିଲେ। ପ୍ରକାଶ ଥାଉକି, ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁ ବିଶେଷଜ୍ଞ ଡା. ସନ୍ତୋଷ ପଣ୍ଡା, ନର୍ସିଙ୍ଗ ଅଫିସର ସେବତୀ ସାହୁ ଏବଂ ନବରଙ୍ଗପୁର ଖ୍ରୀଷ୍ଟିୟାନ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ସନ୍ତୋଷ କୁମାର ନାଗଙ୍କୁ ମଧ୍ୟ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପାଇଁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କୃତ ହୋଇଥିବା ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷମାନଙ୍କୁ ଏହି ଉପଲବ୍ଧି ପାଇଁ ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ପ୍ରଶଂସା କରିଛନ୍ତି। ପୁରସ୍କାର ପାଇବା ପରେ ଆଜିର ଏହି ସାକ୍ଷାତ ସମୟରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ରୀ ବେହେରା, ଏଡିଏମ୍ ଶ୍ରୀ ଶତପଥୀ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଶ୍ରୀ ପ୍ରହରାଜ, ସେଣ୍ଟ୍ରାଲ ଷ୍ଟୋର ମୁଖ୍ୟ ଜଗନ୍ନାଥ ରଥ, ଫାର୍ମାସିଷ୍ଟ ରୋହିତ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।



## ଜିଲ୍ଲାପାଳଙ୍କ ନିର୍ମାଣାଧୀନ 'ମୋ ହସ୍ପିଟାଲ' କାର୍ଯ୍ୟ ତଦାରଖ



**ମାଲକାନଗିରି,୧୫।୨(ସମିସ):** ମାଲକାନଗିରି ଜିଲ୍ଲା ସଦରମହକୁମା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ 'ମୋ ହସ୍ପିଟାଲ' କାର୍ଯ୍ୟ ଚାଲିଛି। ଏହି ମୋ-ହସ୍ପିଟାଲରେ ଔଷଧ କେନ୍ଦ୍ର ସହ ଅନ୍ୟାନ୍ୟ ସମସ୍ତ ସୁବିଧାସୁଯୋଗର ବ୍ୟବସ୍ଥା କରାଯିବ। ତେବେ ଏହି ହସ୍ପିଟାଲକୁ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ଆଜି ମାଲକାନଗିରି ଜିଲ୍ଲାପାଳ ସଚିନ ପାୱାର ମୋ-ହସ୍ପିଟାଲ କାର୍ଯ୍ୟ ତଦାରଖ କରିବାକୁ ଯାଇଥିଲେ। ଉକ୍ତ କାର୍ଯ୍ୟ ତଦାରଖ କରିବା ସହ କିପରି ଚାଲିଛି, ଉନ୍ନତମାନର ସାମଗ୍ରୀ ବ୍ୟବହାର ହେଉଛି କି ନାହିଁ ଓ ଅନ୍ୟାନ୍ୟ ବିଷୟରେ ତଦାରଖ କରିବାକୁ ଯାଇଥିଲେ। ତାଙ୍କ ସହ ନିର୍ବାହୀ ଅଧିକାରୀ ତଥା ଜିଲ୍ଲା ପରିଷଦ ମୁଖ୍ୟ ଜିଲ୍ଲା ଅଧିକାରୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ଆଦିବାସୀ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

**ତେନ୍ତୁଲିଖୁଣ୍ଟି,୧୫।୨(ସମିସ)** ତେନ୍ତୁଲିଖୁଣ୍ଟିସ୍ଥିତ ନୋଡାଲ ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ପ୍ରାଙ୍ଗଣରେ ତିନିଦିନ ଧରି ଚାଲିଥିବା ଆଦିବାସୀ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ମହୋତ୍ସବକୁ ନବରଙ୍ଗପୁର ଜିଲ୍ଲାପାଳ ଡ.କୋମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ଓଡ଼ିଶା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଆୟୋଜିତ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବରେ ବ୍ଲକ୍ ଅଞ୍ଚଳର ଅନୁସୂଚିତ ଜନଜାତି ବର୍ଗର ୧୮ରୁ ୩୫ ବର୍ଷ ମଧ୍ୟରେ ଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଅନୁସୂଚିତ ଜନଜାତି ଯୁବପିଢ଼ିଙ୍କ ମଧ୍ୟରେ ଥିବା ପ୍ରତିଭା ଉନ୍ମୋଚନ କରିବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ପ୍ରଥମେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ତିନିଦିନ ଧରି ଚାଲିଥିବା ଏହି ମହୋତ୍ସବରେ କବାଡ଼ି, ଫୁଟବଲ ଓ କ୍ରିକେଟ୍ ଆଦି ପ୍ରତିଯୋଗିତା ହୋଇଥିଲା। ତେବେ ଫୁଟବଲ୍ ପ୍ରତିଯୋଗିତାରେ ଅଞ୍ଚଳଗୁମ୍ମା, କବାଡ଼ି ପ୍ରତିଯୋଗିତାରେ ପୂଜାରୀଗୁଡ଼ା ଓ କ୍ରିକେଟରେ ଲମତାଗୁଡ଼ା ଚାମ୍ପିଅନ୍ ହୋଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଦିବସରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟଅତିଥି ରୂପେ ଯୋଗଦେଇ ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷା ସାଙ୍ଗକୁ ଉତ୍ତମ ଶରୀର ଗୁରୁତ୍ୱ ବହନ କରିଥାଏ। ଏଣୁ ଆଦିବାସୀ ବହୁଳ ବ୍ଲକରେ ଶିକ୍ଷା ଓ କ୍ରୀଡ଼ାର ବିକାଶ ପାଇଁ ସରକାର ଅହରହ ଉଦ୍ୟମ ଜାରି ରଖିଥିବା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ରାଜୀବ ଲୋଚନ ସାହୁ,ଏଡିଏମ୍ ନବୀନ ସାହୁ, ବ୍ଲକ ଅଧକ୍ଷା ନିଳେନ୍ଦ୍ରୀ ନାୟକ, ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ସଦସ୍ୟ ଖଗପତି ଜାନି ପ୍ରମୁଖ ମଞ୍ଚାସୀନ ଥିବାବେଳେ ସଂଗୀତା ପଟ୍ଟନାୟକ ଏବଂ ଗୀତାରାଣୀ ଦାଶ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ମନୋଜ ପୂଜାରୀ, ହିମାଂଶୁ ନାୟକଙ୍କ ସମେତ ପ୍ରବୀଣ ଟାକରି, ଗୋପାଳ କୃଷ୍ଣ ନାୟକ, ଉପେନ୍ଦ୍ର ସୁନା, ଦେବେନ୍ଦ୍ର ସୁନା ଖେଳ ପରିଚାଳନା କରିଥିଲେ। କୁନେସ ବିଶ୍ୱାଳ, ସୁନୀଲ କର୍କରା, ଡଲୁ ଏବଂ ସୁଦାମ ସହଯୋଗ କରିଥିଲେ। ଶେଷରେ କୃତୀ କ୍ରୀଡ଼ାବିତ୍‌ଙ୍କୁ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା।



### ଆଜିଠାରୁ ଯୁକ୍ତ ଦୁଇ ପରୀକ୍ଷା

# ଜିଲ୍ଲାରେ ୧୪ କେନ୍ଦ୍ରରେ ପରୀକ୍ଷା ଦେବେ ୪୪୭୮ ଛାତ୍ରଛାତ୍ରୀ

ମାଲକାନଗିରି,୧୫।୨(ସମିସ)

ଶୁକ୍ରବାରଠାରୁ ଆରମ୍ଭ ହେବ ଯୁକ୍ତ ଦୁଇ କଳା,ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା। ମାଲକାନଗିରି ଜିଲ୍ଲାର ୧୪ଟି କେନ୍ଦ୍ରରେ ୪୪୭୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଜିଲ୍ଲାର ମାଲକାନଗିରି, ଗୋବିନ୍ଦପାଲି ଓ କାଲିମେଳାଠାରେ ପ୍ରଶ୍ନପତ୍ର ରଖିବା ପାଇଁ ହବ୍ କରାଯାଇଛି। ମାଲକାନଗିରି କଲେଜ, ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଘଡ଼େଇ ଆବାସିକ କଲେଜ, ସତ୍ୟନାରାୟଣ କଲେଜ, ମହିଳା ମହାବିଦ୍ୟାଳୟ, କାଲିମେଳା କଲେଜ, ଏମଭି୭୯ କଲେଜ, ପଡ଼ିଆ କଲେଜ, ପୋଟେରୁ କଲେଜ, ଗୋବିନ୍ଦପାଲି କଲେଜ, ମାଥିଲି କଲେଜ, କୁଡୁମୁଲୁଗୁମା କଲେଜ, ବାଲିମେଳା କଲେଜ, କଳିଆଗୁଡ଼ା ଓ ଚିତ୍ରକୋଣ୍ଡାର ୧୮ଟି କଲେଜର ଛାତ୍ରଛାତ୍ରୀ ୧୨ ଟି ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହିତ ଯେପରି ପରୀକ୍ଷା ଦେବେ ସେନେଇ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି। କପି ରୋକିବା ପାଇଁ ତ୍ରିସ୍ତରୀୟ ସୁରକ୍ଷା ଓ ସ୍କ୍ୱାଡ୍ ବ୍ୟବସ୍ଥା ମଧ୍ୟ କରାଯାଇଛି।

# ବଂଶଧାରା ସେତୁ ମରଣଯନ୍ତା; ଖାଇଗଲାଣି ରାସ୍ତା

ଗୁଣୁପୁର,୧୫।୨(ସମିସ)

ଗୁଣୁପୁରଠାରୁ ରାୟଗଡ଼ା ଏବଂ ଆନ୍ଧ୍ର ଯିବାକୁ ହେଲେ ବଂଶଧାରା ନଦୀ ଉପର ପୋଲ ଦେଇ ଯିବାକୁ ପଡ଼ିଥାଏ। ଏହି ପୋଲର ରକ୍ଷଣାବେକ୍ଷଣ ନାମରେ ପ୍ରତିବର୍ଷ ଗୁଣୁପୁର ପୂର୍ତ୍ତ ବିଭାଗ ପକ୍ଷରୁ ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରାଯାଉଛି। ଏହି ପୋଲକୁ ସଂଯୋଗ କରୁଥିବା ରାସ୍ତା ଖାଇଯାଇଥିବା ଯୋଗୁଁ ସେଠାରେ ଯାନବାହନ ଚଳାଚଳ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। କିନ୍ତୁ ପୂର୍ତ୍ତ ବିଭାଗ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି। ବେଳ ଥାଉ ଥାଉ ଏହାର ମରାମତି କରା ନ ଗଲେ କୌଣସି ଏକ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା କରାଯାଉଛି। ଅପରପକ୍ଷେ ଏଠାରେ ଥିବା ଫଳକ ମଧ୍ୟ ଝୁଲନ୍ତା ଅବସ୍ଥାରେ ରହିଛି। ଯେ କୌଣସି ସମୟରେ ଏହା ଟଳିପଡ଼ିବାର ସମ୍ଭାବନା ରହିଛି।

ଏହି ବଂଶଧାରା ସେତୁ ୧୯୯୪ ମସିହାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ କରକମଳରେ ଉଦଘାଟନ ହୋଇଥିଲା। ସେହି ସମୟର ଜନସଂଖ୍ୟା ଓ ଯାନବାହନ ଚଳାଚଳକୁ ଦୃଷ୍ଟିରେ ରଖି ଏହି ସେତୁ ନିର୍ମାଣ ହୋଇଥିଲା। କିନ୍ତୁ ବର୍ତ୍ତମାନ ଘରେ ଘରେ ଯାନବାହନ ରହିଥିବାବେଳେ ଜନସଂଖ୍ୟା ମଧ୍ୟ ବହୁ ସଂଖ୍ୟାରେ ବୃଦ୍ଧି ପାଇଛି। ଫଳରେ ଏହି ସେତୁ ଦେଇ ପ୍ରତିଦିନ ହଜାର ହଜାର

> ➤ ଦ୍ୱିତୀୟ ସେତୁ ନିର୍ମାଣ ଦାବି
> ➤ ସ୍ଥାଣୁ ପାଲଟିଛି ପୂର୍ତ୍ତ ବିଭାଗ

ଯାନବାହନ ଚଳାଚଳ କରୁଛି। ଏହି ସେତୁ ନିର୍ମାଣ ହେବାର ଆଜକୁ ୩୦ ବର୍ଷ ହୋଇଯାଇଥିବା ବେଳେ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ରାୟଗଡ଼ା ଜିଲ୍ଲାବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବର୍ଷା ଦିନେ ପ୍ରତିବର୍ଷ ବଂଶଧାରା ନଦୀରେ ବିପଦ ସଙ୍କେତ ଟପିଯାଇ ଜଳ ପ୍ରବାହିତ ହୋଇଥାଏ। ସେହି ସମୟରେ ବଡ଼ ବଡ଼ ଗଛଗୁଡ଼ିକ ବନ୍ୟା ଜଳରେ ଆସି ପୋଲର ପିଲ୍ଲାରଗୁଡ଼ିକୁ



ଧକ୍କା ଦେଇଥାଏ। ଫଳରେ ସେତୁରେ କମ୍ପନ ସୃଷ୍ଟି ହୋଇ ଦୁର୍ବଳ ପରିଲକ୍ଷିତ ହେଉଛି। ଗୁଣୁପୁରବାସୀଙ୍କ ଲାଇଫ ଲାଇନ୍ କୁହାଯାଉଥିବା ଏହି ସେତୁ ନିକଟରେ ଆଉ ଏକ ସେତୁ ନିର୍ମାଣ କରାଗଲେ ଜନସାଧାରଣ ଉପକୃତ ହୋଇପାରିବେ। ଗୋଟିଏ ସେତୁ ରହିଥିବାରୁ ଅନେକ ସମୟରେ ଏହି ସେତୁ ଉପରେ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳୁଛି ଏବଂ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ପ୍ରତିଦିନ ହେଉଛି। ତେଣୁ ଅତି ଶୀଘ୍ର ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବା ପାଇଁ ଦାବି ହେଉଛି।

# ଅଟୋରୁ ୩ ଲକ୍ଷ ଟଙ୍କା ଲୁଟ୍



ବୋରିଗୁମ୍ମା,୧୫।୨(ସମିସ)

ବୋରିଗୁମ୍ମା ବ୍ଲକ୍ କାର୍ଯ୍ୟାଳୟ ସାମନାରେ ଥିବା ଏକ ଅଟୋରୁ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ବୋଲିଗୁମ୍ମା ବ୍ଲକ୍ ଝିଲିମିଲି ଗ୍ରାମର ଜେମା ତାଙ୍କ ସ୍ୱାମୀ ବୋରିଗୁମ୍ମାସ୍ଥିତ ଏସ୍‌ବିଆଇ ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇ ବ୍ୟାଗରେ ଧରି ନିଜ ଅଟୋରେ ଘରକୁ ଫେରୁଥିଲେ। ହେଲେ ବ୍ଲକ କାର୍ଯ୍ୟାଳୟ ଛକ ନିକଟରେ ଉଭୟ ସ୍ୱାମୀ ଓ ସ୍ତ୍ରୀ କୌଣସି କାମ ପାଇଁ ଅଟୋରୁ ଓହ୍ଲାଇଥିଲେ। ଏହି ସମୟରେ ସୁଯୋଗ ପାଇ ଅଟୋରେ ଥିବା ଟଙ୍କା ବ୍ୟାଗକୁ ଲୁଟେରାମାନେ ଲୁଟିନେଇଥିଲେ। ସ୍ୱାମୀ ଓ ସ୍ତ୍ରୀ ଅଟୋ ପାଖକୁ ଆସି ଦେଖିଲାବେଳକୁ ଅଟୋରୁ ଟଙ୍କା ବ୍ୟାଗ୍ ଗାଏବ ହୋଇଯାଇଛି। ଆସନ୍ତା ମାସରେ ପୁଅର ବାହାଘର ଖର୍ଚ୍ଚ ପାଇଁ ସବୁ ଟଙ୍କା ଉଠାଇଥିବା ଦମ୍ପତ୍ତି କହିଥିଲେ। ନିଜର ସବୁ ଝାଳବୁହା ଟଙ୍କା ଜମା କରିଥିଲେ, ହେଲେ ତାହା ଲୁଟ ହୋଇଥିବାରୁ ଏବେ ପୁଅର ବାହାଘର ବି ଆଉ ହେଇପାରିବନି ବୋଲି ଭାବବିହ୍ୱଳ କଣ୍ଠରେ କହିଛନ୍ତି ଜେମା। ସେପଟେ ମହିଳାଙ୍କ ସ୍ୱାମୀ ବୋରିଗୁମ୍ମା ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ବୋରିଗୁମ୍ମା ସହରର ପ୍ରତି ଛକରେ ୩୪ଟି ସିସି କ୍ୟାମେରା ଲାଗିଥିବାବେଳେ ସେସବୁ ଅଚଳ ରହିଛି। କ୍ୟାମେରା ଅଚଳ କାରଣରୁ ଦିନ ଦୁଇ ପ୍ରହରରେ ଲୁଟେରାମାନେ ବେଶ୍ ସକ୍ରିୟ ହୋଇ ଏଭଳି ଲୁଟ କରୁଛନ୍ତି ବୋଲି ସାଧାରଣରେ ଏବେ ଆଲୋଚନା ଜୋର୍ ଧରିଛି।

# ପିଡିଏସ୍ ହିତାଧିକାରୀଙ୍କୁ ଝୋଟ ବ୍ୟାଗ୍ ବଣ୍ଟନ




କୋଲନରା,୧୫।୨(ସମିସ): ରାୟଗଡ଼ା ବ୍ଲକ ଅନ୍ତର୍ଗତ ପେଣ୍ଠା ପଞ୍ଚାୟତରେ ଗୁରୁବାର ପିଡିଏସ୍ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଝୋଟ ତିଆରି ବ୍ୟାଗ୍ ବଣ୍ଟନ କରାଯାଇଛି। କାର୍ଡ ପିଛା ଦୁଇଟି ବ୍ୟାଗ୍ ପ୍ରଦାନ କରାଯାଇଥିବାବେଳେ ଗୋଟିଏ ଚାଉଳ ପାଇଁ ଓ ଅନ୍ୟଟି ମାଣ୍ଡିଆ ପାଇଁ ହିତାଧିକାରୀଙ୍କୁ ବ୍ୟାଗ୍ ପ୍ରଦାନ କରାଯାଇଛି। ଖାଉଟି ଅଖା ଓ ଜରି ବ୍ୟାଗ୍ ନେଇ ଖାଉଟିକେନ୍ଦ୍ର ବା ପଞ୍ଚାୟତ ଅଫିସକୁ ପିଡିଏସ୍ ସାମଗ୍ରୀ ପାଇଁ ଯାଉଥିବାବେଳେ ଏବେ ଝୋଟ ତିଆରି ବ୍ୟାଗ୍ ବଣ୍ଟନ କରାଯାଇଛି। ବ୍ୟାଗ୍ ପାଇବା ପରେ ହିତାଧିକାରୀମାନେ ଖୁସି ଖୁସି ପ୍ରକାଶ କରିଛନ୍ତି। ଏଥିସହ ଝୋଟ ତିଆରି ବ୍ୟାଗ୍ ପାଇଁ ଖୁସିରେ କାନ୍ଧ ଓ ହାତରେ ଝୁଲେଇ ଘରକୁ ଯାଉଥିବା ଦେଖିବାକୁ ମିଳିଛି।

# ଏଟିଏମ୍‌ରୁ ଚୋରି ଉଦ୍ୟମ ବିଫଳ

ଚନ୍ଦାହାଣ୍ଡି,୧୫।୨(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ସଦରବ୍ଲକ ହନୁମାନ ମନ୍ଦିରଠାରେ ଥିବା ଏସ୍‌ବିଆଇ ଏଟିଏମରୁ ଚୋରୀ ଉଦ୍ୟମ ବିଫଳ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତ୍ରିରେ ମୁଖା ପିନ୍ଧିଥିବା ୩ ଦୁର୍ବୃତ୍ତ ଏକ କାର ଯୋଗେ ଆସି ହନୁମାନ ମନ୍ଦିରଠାରେ ଥିବା ଏଟିଏମ୍ ସଟରକୁ ଗ୍ୟାସକଟର ସାହାଯ୍ୟରେ କାଟି ଭିତରେ ପଶିବାକୁ ଉଦ୍ୟମ କରୁଥିଲେ। ମୁଖ୍ୟ ରାସ୍ତା ହୋଇଥିବାରୁ ସେହି ସମୟରେ କିଛି ଗାଡ଼ି ଓ ଲୋକଙ୍କ ଚଳପ୍ରଚଳ ଦେଖି ଦୁର୍ବୃତ୍ତମାନେ ଚମ୍ପଟ ମାରିଥିବା ଅନୁମାନ କରାଯାଉଛି। ବୁଧବାର ସକାଳେ ଏସବିଆଇ ବ୍ୟାଙ୍କ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ଚନ୍ଦାହାଣ୍ଡି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଟିଏମ୍ ଆଗରେ ଓ ନିକଟରେ ଥିବା ଖୁସି ବସ୍ତ୍ରାଳୟରେ ଲାଗିଥିବା ସିସିଟିଭିରେ ଦୁର୍ବୃତ୍ତଙ୍କ ଚୋରି ଉଦ୍ୟମ ସମୟର ପ୍ରତିଟି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଘଟଣା ପରେ ଅଞ୍ଚଳରେ ଭୟର ବାତାବରଣ ଦେଖାଯିବା ସହ ରାତ୍ରିରେ ପୁଲିସ ପାଟ୍ରୋଲିଂ ବଢ଼ାଇବାକୁ ଦାବି ହେଉଛି। ପ୍ରକାଶ ଥାଉକି, ଚନ୍ଦାହାଣ୍ଡିରେ କିଛି ଦିନ ହେଲା ଚୋରୀ ବୃଦ୍ଧି ପାଉଥିଲେ ହେଁ ପୁଲିସ ଚୋର ଧରିବାରେ ବିଫଳ ହୋଇଛି। ଗତ କିଛି ଦିନ ତଳେ ଚନ୍ଦାହାଣ୍ଡି ମାଜିଷ୍ଟ୍ରେଟଙ୍କ ଘରୁ ତାଲା ଭାଙ୍ଗି ଚୋରୀ ଉଦ୍ୟମ ହୋଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ପୁଲିସ ଚୋରକୁ ଧରି ନଥିବା ବେଳେ ତୁରନ୍ତ ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବାକୁ ଦାବି ହୋଇଛି।

# ରାଜ୍ୟସ୍ତରରେ ମାଷ୍ଟର୍ସ ଚାମ୍ପିଅନ୍ ହେଲେ 'କଳାକାର'

ସୁନାବେଡ଼ା,୧୫।୨(ସମିସ): ମାଲକାନଗିରି ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମାଷ୍ଟରର୍ସ ବ୍ୟାଡମିଣ୍ଟନ ଚାମ୍ପିଅନସିପରେ ଟାଇଟଲ୍ ହାସଲ କରିଛନ୍ତି ସୁନାବେଡ଼ାର 'କଳାକାର'। ୟୁନେକ୍ସ ସନରାଇଜ (ଓଏସ୍‌ବିଏ) ଓ ମାଲକାନଗିର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୯ ତାରିଖରୁ ଆରମ୍ଭ ହୋଇ ରବିବାର ଶେଷ ହୋଇଥିଲା। ୩ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୫ରୁ ୬୦ ବର୍ଷ ବର୍ଗର ୯୫ ମାଷ୍ଟର୍ସ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲରେ କୋରାପୁଟ ଜିଲ୍ଲାର ଶିଶିର ବିଶ୍ୱାଳଙ୍କୁ କଳାକାର ପ୍ରଧାନ ସିଧାସଳଖ ୨୧-୮ ଓ ୨୧-୮ ସେଟରେ ହରାଇ ୫୦ ପ୍ଲସ୍ ମାଷ୍ଟର୍ସ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିଲେ। ପରେ ଫାଇନାଲରେ ଢେଙ୍କାନାଳର ଧର୍ମେନ୍ଦ୍ର ମହାପାତ୍ରଙ୍କ ସହ ମୁକାବିଲା ଥିବାବେଳେ କୌଣସି କାରଣରୁ ଧର୍ମେନ୍ଦ୍ର ଫାଇନାଲ ମ୍ୟାଚ ଖେଳି ନ ଥିଲେ। ଫଳରେ କଳାକାର ପ୍ରଧାନଙ୍କୁ ୫୦ ପ୍ଲସ୍ ସିଙ୍ଗଲ୍ସ ବିଜେତା ଘୋଷଣା କରାଯାଇଥିଲା। ପ୍ରକାଶ ଥାଉକି ଶ୍ରୀ ପ୍ରଧାନ ଗତ ଜାନୁଆରୀ ୨୧ ତାରିଖରେ କଟକଠାରେ ହୋଇଥିବା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ କୋରାପୁଟ ଜିଲ୍ଲା ପାଇଁ ପ୍ରଥମ ଚାମ୍ପିଅନ ହୋଇଥିବାବେଳେ ରାଜ୍ୟ ଓ ଜାତୀୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ବହୁ କୃତିତ୍ୱ ଅର୍ଜନ କରି ଓଡ଼ିଶା ତଥା କୋରାପୁଟ ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ସୁନାବେଡ଼ାର ବିଭିନ୍ନ ମହଲରୁ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟିଛି।




# ବୈଶାଖୀ ତରଫରୁ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି



ନନ୍ଦପୁର,୧୫।୨(ସମିସ): ୨୦୧୯ ଫେବୃଆରୀ ୧୪ତାରିଖରେ ପୁଲୱାମା ବିସ୍ଫୋରଣରେ ୪୦ ଯବାନ ସହିଦ ହୋଇଥିଲେ ଏବଂ ଉକ୍ତ ଘଟଣାକୁ ୫ ବର୍ଷ ପୂର୍ତ୍ତି ହୋଇଛି। ଫଳତଃ ଦେଶବ୍ୟାପୀ ଫେବୃଆରୀ ୧୪ତାରିଖ ଦିନକୁ କଳା ଦିବସ (ବ୍ଲାକ ଡେ)ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ନନ୍ଦପୁର ବ୍ଲକରେ କାର୍ଯ୍ୟରତ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ତଥା ବୈଶାଖୀ ପରିବାର ତରଫରୁ ବାଲଡ଼ା ପଞ୍ଚାୟତର ମାଳି ଭୀମଡ଼ଲ ଗ୍ରାମରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ୪୦ ସହିଦ ଯବାନଙ୍କ ଉଦ୍ଦେଶ୍ୟରେ ୪୦ ଗୋଟି ଦୀପ ପ୍ରଜ୍ୱଳନ କରାଯାଇ ସେମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ବୈଶାଖୀ ତରଫରୁ କାର୍ଯ୍ୟକାରୀ ସଭାପତି ଟୁନେସ ପାତ୍ର, ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା, ଉପସଭାପତି ଶତ୍ରୁଘନ ହିକାବାଡ଼ି, ଉପଦେଷ୍ଟା ଭଗବାନ ମହାପାତ୍ର, ବାଲଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ରେଲି ସୀସା, ରୁକ୍ମିଣୀ ହାଡ଼ପୁଟିଆ, ମାଳୀ ଭୀମଡଲ ଗ୍ରାମର ଅବାଳବୃଦ୍ଧବନିତା ସାମିଲ ଥିଲେ। କିନ୍ତୁ ସହିଦଙ୍କ ପ୍ରାଣବଳୀ ଓ ଭାରତବାସୀଙ୍କ ଦୃଢ଼ ମନୋବଳ ଆଗରେ ଆତ୍ମଘାତୀ ହାର ମାନିଥିଲେ ବୋଲି ଉପସ୍ଥିତ ଗ୍ରାମବାସୀଙ୍କୁ କହିଥିଲେ।

# ନଳକୂଅ ପାଣି ପରୀକ୍ଷା କରୁଛନ୍ତି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ

ମାଥିଲି,୧୫।୨ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଉଦୁଲିବେଡ଼ା ପଞ୍ଚାୟତର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ତଥା ପଞ୍ଚାୟତବାସୀଙ୍କୁ ସୁସ୍ଥ ରଖିବା ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା ଆଜି ପଞ୍ଚାୟତରେ ପ୍ରତ୍ୟକ ଗାଁ, ସାହି, ଅଙ୍ଗନବାଡ଼ି ଓ ବିଦ୍ୟାଳୟଗୁଡ଼ିକରେ ଥିବା ନଳକୂଅଗୁଡ଼ିକର ପାଣିକୁ ଆଜି ପରୀକ୍ଷା କରିଛନ୍ତି। ଏହି ଅବସରରେ ସହଯୋଗୀ ଭାବରେ ଏମବିକେ ଅଭିମନ୍ୟୁ ପୂଜାରୀ, ଜିଆରଏସ ଗଙ୍ଗାଧର ବିଶୋଇ, ସିଆରପି ଦୀପ୍ତିଆଭା ମହାରଣାଙ୍କ ସମେତ ବହୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହି ପଞ୍ଚାୟତରେ ଥିବା ସମସ୍ତ ନଳକୂପର ପାଣି ପରୀକ୍ଷା କରିବା ସହିତ ଗ୍ରାମାଞ୍ଚଳ, ଅଙ୍ଗନବାଡ଼ି ଓ ବିଦ୍ୟାଳୟଗୁଡିକରେ ସଚେତନ କରିଛନ୍ତି ଶ୍ରୀ ମହାରଣା।



# ନୂତନ କନ୍ୟକା ପରମେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ



ସେମିଳିଗୁଡ଼ା,୧୫।୨(ସମିସ): କୋରାପୁଟ ନିର୍ବାଚନମଣ୍ଡଳୀ ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ସେମିଳିଗୁଡ଼ାଠାରେ ନୂତନ କନ୍ୟକାପରମେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର ନିକଟରେ ନିର୍ମାଣ କରାଯାଉଥିବା ମନ୍ଦିରକୁ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ ଭୂମି ପୂଜନ କରିଥିଲେ। ଦୀର୍ଘ ଦିନ ଧରି ମନ୍ଦିର ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଥିଲା। ୮ଲକ୍ଷ ଟଙ୍କା ବିନିମୟରେ ମନ୍ଦିର ନିର୍ମାଣ କରାଯିବା ନେଇ ବିଧାୟକ ସୂଚନା ଦେଇଛନ୍ତି। ପୂଜା କାର୍ଯ୍ୟକ୍ରମରେ ପଟାଙ୍ଗି ବିଧାୟକ ପୀତମ ପାଢ଼ି ମଧ୍ୟ ଯୋଗଦେଇଥିଲେ। ସକାଳେ ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା କରିବା ପରେ ପୂଜାର୍ଚ୍ଚନା କରି ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା ହୋଇଥିଲା। ସେମିଳିଗୁଡ଼ା କଳିଙ୍ଗା ବୈଶ୍ୟ ସଂଘ ଦ୍ୱାରା ଏହି ମନ୍ଦିର ନିର୍ମାଣ କରାଯାଉଥିବାବେଳେ ମନ୍ଦିର ପରିଚାଳନା କମିଟି ସଭାପତି ଓ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର, ଉପ ସଭାପତି ପ୍ରଦୀପ କୁମାର ପାତ୍ର, ସମ୍ପାଦକ ଶଙ୍କର ପାତ୍ର, ଯୁଗ୍ମ ସମ୍ପାଦକ ମନୋଜ କୁମାର ପାତ୍ର, କୋଷାଧ୍ୟକ୍ଷ ନୃସିଂହ ପାତ୍ରଙ୍କ ସହ ସେମିଳିଗୁଡ଼ା, ନନ୍ଦପୁର, କୋରାପୁଟ, ଜୟପୁର, ଦାମନଯୋଡ଼ି ଅଞ୍ଚଳର କଳିଙ୍ଗ ବୈଶ୍ୟ ସଂଘ ପ୍ରତିନିଧି ଓ ସଭ୍ୟମାନେ ଯୋଗଦେଇଥିଲେ।

# କୃଷି କର୍ମଚାରୀଙ୍କ ଧାରଣାସ୍ଥଳରେ ରକ୍ତଦାନ ଶିବିର




ମାଲକାନଗିରି,୧୫।୨(ସମିସ):

ଦୀର୍ଘ ମାସ ଧରି ଅବହେଳିତ କୃଷି କର୍ମଚାରୀମାନଙ୍କ ସମସ୍ୟାର ସମାଧାନ କ୍ଷେତ୍ରରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଉଦାସୀନ ରହି ଆସୁଥିବା କାରଣରୁ ଜିଲ୍ଲା କୃଷି କର୍ମଚାରୀ ସଂଘ ରାଜ୍ୟ କୃଷି କର୍ମଚାରୀ ସଂଘର ନିର୍ଦ୍ଦେଶନାରେ ଶାନ୍ତିପୂର୍ଣ୍ଣ ଗଣଧାରଣାରେ ବସିଛନ୍ତି। ଗତ ୧୩ ତାରିଖରୁ ଏହି ଧାରଣା ଜିଲ୍ଲା କୃଷି କର୍ମଚାରୀ ସଂଘ ପକ୍ଷରୁ ଦିଆଯାଇଥିବାବେଳେ ଗୁରୁବାର ଧାରଣାରେ ବସିଥିବା ସମସ୍ତ କୃଷି କର୍ମଚାରୀ ରକ୍ତଦାନ କରି ନିଜର ଦାବି ସରକାରଙ୍କୁ ଜଣାଇଛନ୍ତି। ସଂଘ ପକ୍ଷରୁ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ଦେଖିବାକୁ ମିଳିଛି। ସଂଘ ପକ୍ଷରୁ ଗତ କିଛି ମାସ ଧରି ୭ଦଫା ଦାବି କରାଯାଉଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ପୂରଣ ହୋଇନଥିବା ଅଭିଯୋଗ କରାଯାଇଛି। ମୁଖ୍ୟତଃ ଦାବିଗୁଡ଼ିକ ହେଲା- କ୍ୟାଡର୍ ପୁନର୍ଗଠନ, ଗ୍ରେଡ୍ ପେ' ଭଳି ବହୁ ପ୍ରତିକ୍ଷିତ ଦାବି ପ୍ରତି ଅଣଦେଖା କରୁଥିବା ଓଡ଼ିଶା ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ଅଭିଯୋଗ କରିଆସୁଛି। ଏଣୁ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମରେ ମାଲକାନଗିରି ଜିଲ୍ଲାର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଗତ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ମୋବାଇଲ ଯୋଗେ ବିଭାଗୀୟ ସେବାରୁ ନିବୃତ ରହିବା ପାଇଁ ଚେତାବନୀ ଦେଇଥିଲେ। ତଥାପି ସଂଘର ଦାବିକୁ ପୂରଣ କରାଯାଇ ନ ଥିବାରୁ ଗତ ୧୩ରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଛନ୍ତି। ଏଥିସହିତ ଆସନ୍ତା ୨୦ ତାରିଖଠାରୁ ରାଜ୍ୟ ମୁଖ୍ୟ ଦପ୍ତର କୃଷି ଭବନ ସମ୍ମୁଖରେ ସମୂହ ଗଣଧାରଣା ଦେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଗଣଧାରଣାରେ ସଂଘର ଜିଲ୍ଲା ସଭାପତି ମନୋଜ ଡାଲି, ସମ୍ପାଦକ ଭୂପେଶ କୁମାର ଷଡ଼ଙ୍ଗୀ, ଦେବାଶିଷ ମିଶ୍ର, ସୁଦେବ ରାୟ, ମିନାକ୍ଷୀ ରାଓ, ବିଶ୍ୱନାଥ ମଣ୍ଡଳ, ଅମୂଲ୍ୟ ପାତ୍ର, ରବିନ୍ଦ୍ରନାଥ ପଟ୍ଟନାୟକ, ଅବିନାଶ ମହାନ୍ତିଙ୍କ ସମେତ ୫୪ ଜଣ ଜିଲ୍ଲା କୃଷି କର୍ମଚାରୀ ମହିଳା ଓ ପୁରୁଷ ପ୍ରମୁଖ ଉପସ୍ଥିତ ଥିଲେ।

### ■ ପଞ୍ଚାୟତ କାର୍ଯ୍ୟନିର୍ବାହୀ ସ୍ତରରେ ଅଦଳବଦଳ

# ଜିପିଇଓଙ୍କୁ ୪ ପଞ୍ଚାୟତର ଅତିରିକ୍ତ ଦାୟିତ୍ୱ




ମାଥିଲି,୧୫।୨(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ସୀମାନ୍ତ ଛତିଶଗଡ଼ ରାଜ୍ୟକୁ ଲାଗି ରହିଥିବାବେଳେ ୨୦ଟି ପଞ୍ଚାୟତକୁ ନେଇ ବ୍ଲକ୍ ଗଠିତ ହୋଇଛି। ୨୦ ପଞ୍ଚାୟତର ଉନ୍ନୟନ କାର୍ଯ୍ୟର ତ୍ୱରାନ୍ୱିତ କରିବା ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ତରରେ ଅଦଳବଦଳ କରିଛି ବ୍ଲକ୍ ପ୍ରଶାସନ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ଜିପିଇଓ)ଙ୍କୁ ମଧ୍ୟ ୪ ପଞ୍ଚାୟତର ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି ବ୍ଲକ୍ ପ୍ରଶାସନ। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ୨୦ଟି ପଞ୍ଚାୟତ ରହିଥିବାବେଳେ ମାତ୍ର ୭ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରହିଥିବାରୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତି ପଞ୍ଚାୟତରେ ପିଇଓ ନିଯୁକ୍ତି ଦେବାକୁ ବ୍ୟବସ୍ଥା ରହିଥିବାବେଳେ ସୀମାନ୍ତ ବ୍ଲକରେ ଅଧିକାଂଶ ପଦ ଖାଲି ପଡ଼ିଥିବା ଯୋଗୁଁ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ ଲୋକଙ୍କ ନିକଟତର ହୋଇପାରୁ ନାହିଁ। କିନ୍ତୁ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟର ତ୍ୱରାନ୍ୱିତ କରିବାପାଇଁ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତାକୁ ଦୃଷ୍ଟିରେ ରଖି ପଞ୍ଚାୟତସ୍ତରରେ ଅଦଳବଦଳ କରିଛନ୍ତି। ସେହିପରି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରତନ ରାଏଙ୍କୁ ଟେମ୍ରୁରୁପାଲ୍ଲୀ, ସାଲିମି, ମହୁପଦର ଏହି ତିନିଟି ପଞ୍ଚାୟତ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ଭୋଳାନାଥ ବିଶ୍ୱାସଙ୍କୁ ପାଙ୍ଗାମ, ଭେଜାଗୁଡ଼ା, ମେକ୍କା ଓ ନାୟକଗୁଡ଼ା, କେଶବ ଚନ୍ଦ୍ର ଖରାଙ୍କୁ ଭଣ୍ଡାରୀପାଙ୍ଗାମ ଓ ଆମ୍ବାଗୁଡ଼ା, ଟଙ୍କଧର ହନ୍ତାଳଙ୍କୁ ଚେଡେଙ୍ଗା, ଧୁଙ୍ଗିଆପୁଟ ଓ କୁଟୁଣୀପାଲ୍ଲୀ, ହେମନ୍ତ କୁମାର ମାଝୀଙ୍କୁ କଡ଼ାପାଲ୍ଲୀ ଓ କମାରପାଲ୍ଲୀ, କୋରାୱାରା ରାଜୁଙ୍କୁ ଚାଉଳମେଦୀ, ଅଶୋକ କୁମାର ମହାରଣାଙ୍କୁ ମାଥିଲି ସଦର ପଞ୍ଚାୟତ ସହିତ ଉଦୁଲିବେଡା, କିଆଙ୍ଗ ଓ କର୍ତ୍ତନପାଲ୍ଲୀ, ବିଜୟ କୁମାର ସାହୁଙ୍କୁ ଦଳପତିଗୁଡ଼ା ପଞ୍ଚାୟତକୁ ଅଦଳବଦଳ କରାଯାଇଛି।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନରେ ଗଲେ ଜଗନ୍ନାଥପ୍ରେମୀ

ନବରଙ୍ଗପୁର,୧୫।୨(ସମିସ)

ଶ୍ରୀକ୍ଷେତ୍ର ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଚଳିତ ବର୍ଷ ଜାନୁଆରୀ ୧୭ରେ ଲୋକାର୍ପିତ ହୋଇଯାଇଛି। ନୂତନ ଭାବେ ନିର୍ମିତ ଏହି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ପରିଦର୍ଶନ କରିବା ପାଇଁ ଦିନକୁ ଦିନ ଶ୍ରଦ୍ଧାଳୁ ତଥା ଜଗନ୍ନାଥପ୍ରେମୀଙ୍କ ଭିଡ଼ ଜମୁଥିବା ବେଳେ ଶ୍ରଦ୍ଧାଳୁଙ୍କ ଏ ପ୍ରକାର ଆଗ୍ରହ ଦେଖି ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ସମସ୍ତ ପୌର ପରିଷଦ, ବ୍ଲକ୍ ଓ ପଞ୍ଚାୟତର ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ବସ୍ ଯୋଗେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନ କରିବାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଥିବାବେଳେ ଗୁରୁବାର ଅର୍ଥାତ୍ ଜିଲ୍ଲାର ଶେଷ ପର୍ଯ୍ୟାୟରେ ନବରଙ୍ଗପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋଟିଏ ପୌର ପରିଷଦ ଏବଂ ସଦର ବ୍ଲକ୍ ସହିତ ୪ଟି ବ୍ଲକର ମୋଟ ୬୭ ୱାର୍ଡରୁ ୩୧ଟି ବସ୍ ଯୋଗେ ୧୩୪୦ ଜଣ ଶ୍ରଦ୍ଧାଳୁ ପରିକ୍ରମା ପ୍ରକଳ୍ପ ପରିଦର୍ଶନ ପାଇଁ ନବରଙ୍ଗପୁର ଜିଲ୍ଲାରୁ ବାହାରିଛନ୍ତି। ନବରଙ୍ଗପୁର ଜିଲ୍ଲାରେ ଚଳିତ ମାସ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନ ଯାତ୍ରାରେ ନବରଙ୍ଗପୁର ଜିଲ୍ଲାରୁ ଗୁରୁବାର ସହିତ ମିଶି ୧୦୧ଟି ବସ୍ ଯୋଗେ ଯାଇଛନ୍ତି ମୋଟ ୪୪୦୦ ଜଣ ଶ୍ରଦ୍ଧାଳୁ। ଗୁରୁବାର ଶେଷ ଦିନରେ ଏହି ଶ୍ରୀକ୍ଷେତ୍ର ପୁରୀ ଯାତ୍ରାକୁ ଶ୍ରଦ୍ଧାଳୁ ବାହାରିବା







ସମୟରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନି ନଡ଼ିଆ ଭାଙ୍ଗିବା ପରେ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ପୌର ପରିଷଦ ଅଧ୍ୟକ୍ଷ କୁନୁ ନାୟକ, ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର, ନବରଙ୍ଗପୁର ପୌର ନିର୍ବାହୀ ଅଧିକାରୀ (ଭାରପ୍ରାପ୍ତ) ତୁଫାନ ନାୟକ, କାଉନସିଲର ଗୀତାଞ୍ଜଳି ଯାଦବ, ଆଇ. ମୁରଲୀକ୍ରିଷ୍ଣା, ନଗେନ୍ଦ୍ର ପଟ୍ଟନାୟକ, ପି.କେଶବ ରାଜୁ, ରଞ୍ଜିତା ପଣ୍ଡା, ଅଲେଖ ସୌର, ଶର୍ମିଷ୍ଠା ଦେଓ, ପୁନମ ସାହୁ, ସୋମେଶ ଖରା ପ୍ରମୁଖ ସମସ୍ତ କାଉନସିଲର ସମେତ ନବରଙ୍ଗପୁର ସାଂସଦ ପ୍ରତିନିଧି ବାବୁଲି ମିଶ୍ର, ପୌର ପରିଷଦର ସିଟି ମିଶନ ମ୍ୟାନେଜର ରାମ ଶଙ୍କର ଦାସ, କନିଷ୍ଠ ଯନ୍ତ୍ରୀ ବିଷ୍ଣୁପ୍ରିୟ ଦାସ, ଜ୍ୟୋତି ପରିଛା, ଟୁନା ଦାସ, ଶାନୁ ପ୍ରହରାଜ, ରାଜୁ ତ୍ରିପାଠୀ, ପ୍ରମୋଦ କୁମାର ରଥ, ସ୍ୱାଧୀନ କୁମାର ପଣ୍ଡା, ସୁଧୀର ମହାପାତ୍ର, ସଞ୍ଜୟ ନାୟକ ପ୍ରମୁଖଙ୍କ ସମେତ ପୌର ପରିଷଦର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଯାତ୍ରାରେ ପ୍ରତ୍ୟେକ ବସରେ ଶ୍ରଦ୍ଧାଳୁଙ୍କ ପାଇଁ ପାଣି ବୋତଲ, ଔଷଧ ପତ୍ର ଭଳି ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିବାବେଳେ ପ୍ରତ୍ୟେକ ବସରେ ଶ୍ରଦ୍ଧାଳୁଙ୍କ ତଦାରଖ ନିମନ୍ତେ ଜଣେ ଜଣେ ନୋଡାଲ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ପୌର ପରିଷଦ ପକ୍ଷରୁ ସୂଚନା ମିଳିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନ ପାଇଁ ଏହି ନିଃଶୁଳ୍କ ଯାତ୍ରା କରିବାର ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇବା ସହ ଦୀର୍ଘାୟୁ କାମନା କରିଛନ୍ତି ଜିଲ୍ଲାର ଶ୍ରଦ୍ଧାଳୁ।

**ସେମିଳିଗୁଡ଼ା:** ରାଜ୍ୟ ସରକାର ସାଧାରଣ ଲୋକଙ୍କ ପାଇଁ ତୀର୍ଥ ଓ ଐତିହାସିକ କ୍ଷେତ୍ର ପରିଭ୍ରମଣ କରିବାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲାଇନେବା ପାଇଁ ପ୍ରଶାସନ ପକ୍ଷରୁ କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ୨୫ ୱାର୍ଡରୁ ୫୦୦ ଶ୍ରଦ୍ଧାଳୁଙ୍କୁ ନେଇ ସେମିଳିଗୁଡ଼ା ଆମ ବସ୍ ଷ୍ଟାଣ୍ଡ ପରିସରରୁ ଗୁରୁବାର ୧୦ ଯାତ୍ରୀବାହୀ ବସ୍ ପୁରୀ ଅଭିମୁଖେ ବାହାରିଥିଲା। ଜିଲ୍ଲାରେ ଏହି ଯାତ୍ରାକୁ କୋରାପୁଟ ବିଧାୟକ ରଘୁରାମ ପଡାଲ ଓ 'ମୁକ୍ତା' ଯୋଜନା ରାଜ୍ୟ ଉପଦେଷ୍ଟା ମୀରା ପରିଡ଼ା ଆରମ୍ଭ କରିବା ପରେ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର, ଉପ ନଗରପାଳିକା ରିତୁ କଣ୍ଡା ମିଶି ଯାତ୍ରା ଆରମ୍ଭ କରିଥିଲେ। ସମସ୍ତଙ୍କ ଶୃଙ୍ଖଳା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଯାତ୍ରା ସମ୍ପାଦନ କରିବାକୁ ଅଧ୍ୟକ୍ଷ ରାଜେନ୍ଦ୍ର ପରାମର୍ଶ ଦେଇଥିଲେ। ଏହି ଯାତ୍ରାକୁ ନେଇ ସମସ୍ତେ ବେଶ୍ ଉତ୍ସାହିତ ଥିବା ସହ ରାଜ୍ୟ ସରକାରଙ୍କ ଏଭଳି ମହତ୍ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ



**ଜୟପୁର,୧୫।୨(ସମିସ):** ଜୟପୁର ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ସତ୍ୟ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ଭରତ କୁମାର ପଣ୍ଡା ଯୋଗଦେଇ ଶିଶୁମାନଙ୍କ ଉତ୍ତମ ଚରିତ୍ର ଗଠନରେ ମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମା'ମାନେ ଶିଶୁର ପ୍ରଥମ ଗୁରୁ ଅଟନ୍ତି। ଅନ୍ୟାନ୍ୟ ରାଷ୍ଟ୍ର ଗଠନରେ ଶିବାଜୀ, ବିବେକାନନ୍ଦ, ଝାନ୍ସୀ ରାଣୀ ଲକ୍ଷ୍ମୀବାଇ ପ୍ରଭୃତିଙ୍କ ଉଦାହରଣ ଦେଇଥିଲେ। ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ସଦସ୍ୟା ଅମ୍ବିକା ନାୟକ ଏବଂ ପୂର୍ବତନ ଉପସଭାପତି ବିନୋଦିନୀ ସାନ୍ତ୍ରପାତ୍ର ଉପସ୍ଥିତ ଥିଲେ। ଅନ୍ୟାନ୍ୟ କାର୍ଯ୍ୟକ୍ରମର ସଫଳତାରେ ସମସ୍ତ ଗୁରୁଜୀ ଗୁରୁମା' ଏବଂ ଅନ୍ୟାନ୍ୟ ସେବାବ୍ରତୀମାନେ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ କୈଳାଶ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ରାମ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିକଶିତ ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

**କୋରାପୁଟ,୧୫।୨(ସମିସ):** ସଦର ବ୍ଲକ୍ ପଦ୍ମପୁର ଓ ଉମୁରି ଗ୍ରାମ ପଞ୍ଚାୟତରେ କେନ୍ଦ୍ର ସରକାରଙ୍କ ଯୋଜନାକୁ ନେଇ ବିକଶିତ ଭାରତ ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପ୍ରଭାରୀ ପ୍ରେମ କୁମାର ଝା ଯୋଗଦେଇ ଭାରତର ବିକାଶ ପାଇଁ କେନ୍ଦ୍ରର ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, କୋରାପୁଟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼, ବିକଶିତ ଭାରତ ଅଭିଯାନର ଜିଲ୍ଲା ସଂଯୋଜକ ଚୈତନ୍ୟ ହନ୍ତାଳ, ଭାରତୀୟ ଜନତା ପାର୍ଟିର ଜିଲ୍ଲା ଉପସଭାପତି ଜୟରାମ ଗରଡ଼ା, ସାଧାରଣ ସମ୍ପାଦକ ଦେବେନ୍ଦ୍ର ମହାନ୍ତି, ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି ଭାଗିରଥି ପାଟନିଆ, ମଣ୍ଡଳ ସଭାପତି ସୁରେନ୍ଦ୍ର ପାଟନିଆ, ଚନ୍ଦ୍ର ଘୋଷ, ମାଧବ ମାଳି, ରଘୁରାମ ମାଛ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ସ୍ନେହଲତା ମିଶ୍ର ସଂଯୋଜନା କରିଥିବାବେଳେ ଉମୁରି ଓ ପଦ୍ମପୁର ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚଙ୍କ ସମେତ ଏସ୍ଏଚଜି ସଦସ୍ୟ, ବିଭିନ୍ନ ବିଭାଗର ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ବିଭାଗର ତତ୍ପରତା; କାଦୁଅ ରାସ୍ତାରେ ପକାଗଲା ମାଟି

**କୋଷାଗୁମୁଡ଼ା,୧୫।୨(ସମିସ):** ଦୈନିକ ଖବର କାଗଜ 'ସକାଳ'ରେ ଖବର ପ୍ରସାରଣ ପରେ ତୁରନ୍ତ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ତତ୍ପରତା ଦେଖାଇ ସନ୍ତୋଷପୁର ମୁଖ୍ୟ ରାସ୍ତା ଉପରେ ଥିବା କାଦୁଅ ପାଣି ପାଇପର ଗର୍ତ୍ତ ଉପରେ ମାଟି ପକାଇ ସମତୁଳ କରିଥିବା ଦେଖିବାକୁ ମିଳିଛି। ଦୀର୍ଘ ଦିନରୁ ସନ୍ତୋଷପୁର ସଦର ପଞ୍ଚାୟତର ମୁଖ୍ୟ ରାସ୍ତା ତଥା ୭ ଓ ୫ନମ୍ବର ୱାର୍ଡ ଛକ ନିକଟରେ ପାଣି ପାଇପ୍ ମରାମତି କାର୍ଯ୍ୟ ଶେଷ କରି ଦୀର୍ଘ ୭ ମାସ ତଳେ କେବଳ ମାଟି ବିଛାଇ ଛାଡ଼ିଦେଇ କାର୍ଯ୍ୟ ସମ୍ପାଦନ କରିଥିଲା ଗ୍ରାମ୍ୟ ଜଳଯୋଗାଣ ବିଭାଗ। କିନ୍ତୁ ବିଭାଗର ବେପରୁଆ କାର୍ଯ୍ୟ ଯୋଗୁଁ ପାଇପ୍ ଲାଇନ୍ ମରାମତି କରିଥିବା ସ୍ଥାନରେ କାଦୁଅ ମିଶ୍ରିତ ପାଣି ଜମିବା ସହ ଗର୍ତ୍ତ ସୃଷ୍ଟି ହୋଇଥିଲା। ଯାହାଫଳରେ ରାସ୍ତାରେ ଯାତାୟତ ବିପଜ୍ଜନକ ହୋଇଥିଲା। ଏନେଇ ଗତ ୧୨ ତାରିଖରେ 'ସକାଳ'ରେ ସନ୍ତୋଷପୁର ଗ୍ରାମବାସୀଙ୍କ ଅଭିଯୋଗକୁ ନେଇ ଏକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରି ବୁଧବାର ସେହି କାଦୁଅ ଗର୍ତ୍ତ ଉପରେ ମାଟି ପକାଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ଏହି ସ୍ଥାନରେ କଂକ୍ରିଟ ରାସ୍ତାକୁ ଖୋଳି ପାଣି ପାଇପ୍ କାମ ସାରି ଏଭଳି ମାଟି ପକାଇ ଦେଇଥିଲେ। ପୁଣିଥରେ ଗ୍ରାମବାସୀ ଅଭିଯୋଗ କରିବା ଦ୍ୱାରା ତୁରନ୍ତ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଦ୍ୱାରା ମରାମତି କରାଯାଇଛି।

'ସକାଳ' ପ୍ରଭାବ



## ସଂସ୍କୃତ ଉଚ୍ଚ ବିଦ୍ୟାଳୟର ବିକାଶ ନିମନ୍ତେ ବୈଠକ

**ଜୟପୁର,୧୫।୨(ସମିସ):** ଜୟପୁରଠାରେ ସର୍ବପୁରାତନ ସଂସ୍କୃତ ଉଚ୍ଚ ବିଦ୍ୟାଳୟର ଉନ୍ନତିକରଣ ଓ ବିକାଶ ନିମନ୍ତେ ଏକ ବୈଠକ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବରିଷ୍ଠ ନାଗରିକ କଲ୍ୟାଣ ସମିତି ପକ୍ଷରୁ ରାଜ୍ୟର ଅନ୍ୟତମ ସର୍ବପୁରାତନ ସଂସ୍କୃତ ଉଚ୍ଚ ବିଦ୍ୟାଳୟ ଅବହେଳିତ ହୋଇପଡ଼ିଛି। ଏହି ବିଦ୍ୟାଳୟରେ କମ୍ ସଂଖ୍ୟକ ଛାତ୍ରଛାତ୍ରୀ ରହିଛନ୍ତି। କିନ୍ତୁ ଆବଶ୍ୟକ ଶ୍ରେଣୀ ଗୃହ, କାର୍ଯ୍ୟାଳୟ କକ୍ଷ, ଶୌଚାଳୟ ଅଭାବ ସହିତ ପୁରାତନ ବିଦ୍ୟାଳୟ ଭବନ ଦୟନୀୟ ଅବସ୍ଥାରେ ରହିଛି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ପଦ ପୂରଣ ଏବଂ ଭବନ ନିର୍ମାଣ ହେଲେ ଅଧିକରୁ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରିବେ ବୋଲି ଆଶା ପ୍ରକଟ କରାଯାଇଥିଲା। ଏହାର ସର୍ବାଙ୍ଗୀଣ ଉନ୍ନତି ପାଇଁ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କୁ ସାକ୍ଷାତ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିବାକୁ ମତପ୍ରକାଶ ପାଇଥିଲା।



ଏହି ବୈଠକରେ ସମିତିର ଉପସଭାପତି ପ୍ରମୋଦ ପଣ୍ଡା, ସମ୍ପାଦକ ରାମଚନ୍ଦ୍ର ହୋତା, ଈଶ୍ୱର ସରାଫ, ଭେଙ୍କଟରାଓ ପଟ୍ଟନାୟକ, ରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ମାଧବ ଚନ୍ଦ୍ର ହୋତା ବିଦ୍ୟାଳୟକୁ ପରିଭ୍ରମଣ କରିଥିଲେ। ପ୍ରକାଶ ଯେ, ୧୯୩୮ ମସିହାରେ ତତ୍କାଳିନ ଜୟପୁର ମହାରାଜା ବିକ୍ରମଦେବ ବର୍ମାଙ୍କ ଦ୍ୱାରା ଏହି ସଂସ୍କୃତ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରୁ ଅଧ୍ୟୟନ କରିଥିବା ଛାତ୍ରଛାତ୍ରୀମାନେ ଅଧିକ ଶିକ୍ଷା ପାଇଁ ବାହାର ରାଜ୍ୟକୁ ଯାଇଥିବାବେଳେ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

**ଦଶମନ୍ତପୁର, ୧୫।୨(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ନନ୍ଦିଗାଁ ଓ ଏ. ମାଲକାନାଗିରି ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ପକ୍ଷରୁ ଗୁରୁବାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନନ୍ଦିଗାଁ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ କାର୍ତ୍ତିକ ଚୌଧୁରୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଏ.ମାଲକାନଗିରି ପଞ୍ଚାୟତରେ ମଧ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍.ଗୋବିନ୍ଦ ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ପ୍ରତିନିଧି କୌଶଲ୍ୟା ହିକକା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଦଶରଥ ମୁଦୁଲି, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ନାୟକ, ଏସିପି ଶାନ୍ତନୁ କୁମାର ନାହାକ, ନନ୍ଦିଗାଁ ସରପଞ୍ଚ ଚମ୍ପା ମୁଦୁଲି, ସମିତିସଭ୍ୟ ପଦ୍ମନାଭ ଜାନି, ନରସିଂହ କୁଳଦୀପ, ବିଜେଡି ସଭାପତି ମହେନ୍ଦ୍ର କୁଳଦୀପ, ଯୁବ ସଭାପତି ଆଶିଷ କୁମାର ଚେଟି, ଶତାଧିକ ଏସ୍ଏଚଜି ମହିଳାଙ୍କ ସମେତ ୨ଟି ପଞ୍ଚାୟତରୁ ପ୍ରାୟ ୫୦୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିବା ଜଣାପଡ଼ିଛି। ବିଭିନ୍ନ ବିଭାଗ ପକ୍ଷରୁ ଖୋଲାଯାଇଥିବା ଷ୍ଟଲକୁ ଅତିଥିମାନେ ପରିଦର୍ଶନ କରିଥିବା ନଜରକୁ ଆସିଛି। ଏହି କାର୍ଯ୍ୟକ୍ରମ ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଯାତାୟାତର ସୁବିଧା ଭଳି ପ୍ରତ୍ୟେକଟି ଉନ୍ନୟନମୂଳକ ଯୋଜନା ଉପରେ ଅତିଥିମାନେ ଆଲୋକପାତ କରାଇବା ସହ ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିବା ଜଣାପଡ଼ିଛି। 'ଆମ ଓଡ଼ିଶା, ନବୀନ ଓଡ଼ିଶା' ପକ୍ଷରୁ ଆମ ପଞ୍ଚାୟତର ବିକାଶ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏସିପି ଶ୍ରୀ ନାହାକ ପରିଚାଳନା କରିଥିବାବେଳେ ମାର୍ଟିନ ଖସଲା ଧନ୍ୟବାଦ ଅର୍ପଣ କରିଥିଲେ।





**କାଶିପୁର/ଟିକିରି:** କାଶୀପୁର ବ୍ଲକ ଅଡ଼ାଜୋର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ କାଶୀପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ କଣ୍ଢେଶ୍ୱର ମାଝୀ ଓ ପୂର୍ବତନ ଜିଲ୍ଲା ପରିଷଦ ରତ୍ନାମାଳା ପରିଛା ଯୋଗଦେଇଥିଲେ। ରାଜ୍ୟ ସରକାର ଯାହାସବୁ ଯୋଜନା ପ୍ରସ୍ତୁତ କରିଛନ୍ତି ସେହି ସବୁ ଯୋଜନା ନିଜ ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ ଥିବା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଶିବିରକୁ ଅଡ଼ାଜୋର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଉମାଶଙ୍କର ପାତ୍ର ଆୟୋଜନ କରିଥିବାବେଳେ ପଞ୍ଚାୟତର ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ କଳାକାରମାନଙ୍କ ଦ୍ୱାର ନୃତ୍ୟ ପରିବେଷଣ ହୋଇଥିଲା। ଉକ୍ତ ସଚେତନ ଶିବିରରେ ଓଡ଼ିଶା ସରକାରଙ୍କ ବିକାଶମୂଳକ ଯୋଜନା ଯେପରି ଲକ୍ଷ୍ମୀ ବସ୍, ମମତା ଯୋଜନା ଏବଂ ଯୁକ୍ତ ତିନି ଏବଂ ପିଜି ଛାତ୍ରଛାତ୍ରୀଙ୍କ ବୃତ୍ତି ସହିତ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଯୋଜନା ବିଷୟରେ ସମସ୍ତେ ନିଜେ ଅଭିଭାଷଣରେ ମତ ରଖିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ କହିଥିଲେ କଂଗ୍ରେସ ଅମଳରେ ଆମ ଗାଁକୁ ରାସ୍ତା ନଥିଲା କିନ୍ତୁ ନବୀନ ସରକାରଙ୍କ ଅମଳରେ ଆମ ଗାଁକୁ ଖଣ୍ଡେ ରାସ୍ତା ହୋଇପାରିଲା ବୋଲି ସରକାରଙ୍କ ବହୁମୁଖୀ ଯୋଜନା ବିଷୟରେ ମତ ରଖିଥିଲେ। ମଞ୍ଚ ପରିଚାଳନା ରଞ୍ଜିତ ନାଏକ କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁରେନ୍ଦରୀ ମାଝୀ, ସମିତି ସଭ୍ୟ ବୃନ୍ଦାବନ ମାଝୀ, ପୂର୍ବତନ ସରପଞ୍ଚ ଆଦବାରୁ ମାଝୀ, ବରିଷ୍ଟ ବିଜେଡି ନେତା ଧୋବା ମାଝୀ, ରଞ୍ଜିତ ନାଏକ, କାର୍ତ୍ତିକ ନାଏକ, ଅଭିରାମ ନାଏକ, କରନ ନାଏକ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଅଙ୍ଗନବାଡ଼ି କର୍ମୀ ଏବଂ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଭିନ୍ନକ୍ଷମ ଉପକରଣ ବଣ୍ଟନ



**କୁନ୍ଦୁରା,୧୫।୨(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟରେ ଗୁରୁବାର ଭିନ୍ନକ୍ଷମ ସହାୟକ ଉପକରଣ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କୁନ୍ଦୁରା ସାମାଜିକ ସୁରକ୍ଷା ବିଭାଗ ଏବଂ ଏସଭି ନିରତାର, କଟକ ଏଡିଆଇପି ଯୋଜନା ଦ୍ୱାରା କରାଯାଇଥିଲା। ଜାନୁଆରୀ ୪ ତାରିଖ ଦିନ କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଡିଡିଆରସି ମାଧ୍ୟମରେ ଚିହ୍ନଟ କରାଯାଇଥିବା ଭିନ୍ନକ୍ଷମଙ୍କୁ ଗୁରୁବାର ସେମାନଙ୍କ ସହାୟକ ଉପକରଣ ଦିଆଯାଇଥିଲା। ବଂକୁଲିବାଡ଼ି ୧୯, ଟ୍ରାଇ ସାଇକଲ ୫, ହ୍ୱିଲ୍ ଚେୟାର ୪ ଓ ଏମଏସଡି କିଟ୍ ୪ଟି ବଣ୍ଟନ କରାଯାଇଥିଲା। ଏହି ବଣ୍ଟନ କାର୍ଯ୍ୟରେ ଅତିଥି ଭାବେ ବ୍ଲକ ଭାଇସ ଚେୟାରମ୍ୟାନ ତରୁଣୀସେନ ବିଶୋଇ, ଏବିଡିଓ ରାମ ପ୍ରସାଦ ଦୋରା, ବିଏସଏସଓ ବଳିରାମ ଭତ୍ରା, ବିଜେଡି ବ୍ଲକ ସଭାପତି ବୃନ୍ଦାବନ ମଳିକ, ଜିଲ୍ଲା ପରିଷଦ ସଭ୍ୟା-୨ କନକଲତା ପେଣ୍ଟିଆ, ଆମ୍ବା ସଭାପତି କାମ ଆଚାର୍ଯ୍ୟ, ରମାକାନ୍ତ ମିଶ୍ର, ଟୁନା ନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବସନ୍ତ ଭଳ।

## ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ଯାପିତ

ସେମିଳିଗୁଡ଼ା,୧୫।୨(ସମିସ)

କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରମାରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଙ୍କୁ ଶାରୀରିକ, ମାନସିକ ଭାବେ ସକ୍ଷମ ହେବା ସହିତ ଆଧ୍ୟାତ୍ମିକ ଚେତନା ଯୁକ୍ତ ହେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ସୁନାବେଡ଼ା ଏସଡିପିଓ ମନୋବ୍ରତା ଶତପଥୀ ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ନାରୀ ନିର୍ଯାତନା, ଶୋଷଣ, ଠକାମୀ ଏବଂ ସାଇବର କ୍ରାଇମ ଆଦି ସମ୍ପର୍କରେ ଅବଗତ କରାଇବା ସହ ସେମାନେ କିପରି ଏଥିରୁ ସୁରକ୍ଷିତ ରହିପାରିବେ ଏବଂ ପୁଲିସର ସହାୟତା ନେଇପାରିବେ ସେ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହାପରେ ଅତିଥିଙ୍କ ଦ୍ୱାରା ତାଲିମପ୍ରାପ୍ତ ଉଭୟ ରେଗୁଲାର ଏବଂ ଭୋକେସନାଲର ୧୩୫ ଛାତ୍ରୀଙ୍କୁ ପ୍ରମାଣପତ୍ର ଏବଂ ରିଆକ୍ଟ ପୁସ୍ତକ ପ୍ରଦାନ କରାଯାଇଥିଲା। ଦୁଇଜଣ ମାଷ୍ଟର ଟ୍ରେନର ଦୀପ୍ତିମୟୀ ବଡ଼ନାୟକ ଏବଂ ଯଶୋଦା ମାଝୀ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ନୋଡାଲ ଅଫିସର କୁମାରୀ ଦିଗେଶ୍ୱରୀ ଶିଖା ଏବଂ ସୁକାନ୍ତ କୁମାର ପ୍ରଧାନ ଏହି ଉଦଯାପନୀ ସମାରୋହର ସମସ୍ତ ପ୍ରକାର ଆୟୋଜନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା ଯଥା- ଶୁଭ୍ରାଂଶୁ ସୁନ୍ଦର ଦାସ, ପିଙ୍କି ଗୋୟଲ, ଜ୍ୟୋସ୍ନା ଦାସ, ପ୍ରବୋଧ ମଲ୍ଲିକ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଏବଂ ଶତାଧିକ ଛାତ୍ରୀ ତଥା କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ବିଦ୍ୟୁତପ୍ରଭା ରାଉତ ପରିଚାଳନା କରିଥିଲେ ଏବଂ ବରିଷ୍ଠ ପ୍ରାଧ୍ୟାପିକା ଡା. ଝାନ୍ସି ସିଂହ ନିଜର ଅଭିଭାଷଣ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।







**ପଟ୍ଟାଙ୍ଗି:** ପଟ୍ଟାଙ୍ଗି ସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ଏକାଦଶ ଶ୍ରେଣୀ ଛାତ୍ରୀମାନଙ୍କ ପାଇଁ ଆୟୋଜିତ ଆତ୍ମ ସୁରକ୍ଷା କୌଶଳ ଶିକ୍ଷା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ରାମକୃଷ୍ଣ ସାମଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ସୁଜାତା ବାରିକ ଯୋଗଦେଇଥିଲେ। ସେ ଛାତ୍ରୀଙ୍କ ଜୀବନରେ ଆତ୍ମ ସୁରକ୍ଷା କୌଶଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆତ୍ମ ସୁରକ୍ଷା କୌଶଳ ଶିକ୍ଷା କାର୍ଯ୍ୟକ୍ରମର ଅଧିକାରିଣୀ ଅଧ୍ୟାପିକା ରାଜଶ୍ରୀ କୁମାରୀ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ସେ ଦୀର୍ଘ ୧୦ ଦିନ ଧରି ଚାଲିଥିବା କାର୍ଯ୍ୟସୂଚୀର ବିବରଣୀ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧୩୨ ଜଣ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ଏନ୍ ଅଞ୍ଜଳୀ ଏବଂ ଶ୍ରାବଣୀ ଗେମେଲ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅତିଥି ବୃନ୍ଦ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ଲାଇବ୍ରେରିୟାନ ସଞ୍ଜୟ କୁମାର ପରିଡ଼ା, ଅଧ୍ୟାପକ ଡ. ଶେଷଦେବ ବାରିକ, ଅଧ୍ୟାପକ ଅଶୋକ ନାୟକ, ଅଧ୍ୟାପକ ସରୋଜ ରଞ୍ଜନ ଭୂୟାଁ, ଅନୀଲ୍ କୁମାର ଖିଲ, ଶିକ୍ଷକ ସୁକାନ୍ତ ଚନ୍ଦ୍ର ରାଉତରା, ଡେମୋନ୍ଷ୍ଟ୍ରେଟର ସୁଧାଂଶୁ ଭୂଷଣ ଜେନା, ହୃଷୀକେଶ ପ୍ରଧାନ, ମନୋଜ ଦାସ, ତୋଟାପାଡ଼ିଆ ଜିନୁ, ଫକିର ମୋହନ ପଣ୍ଡା, ଦଇମତି ଗୁଣ୍ଟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ବୈଲୋଚନ ରଣା ମଞ୍ଚ ପରିଚାଳନା କରିଥିବାବେଳେ ଜ୍ୟୋସ୍ନାମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

